ବର୍ଷ-୨୫, ସଂଖ୍ୟା-୭୫
ଭୁବନେଶ୍ୱର
୧୯, ମାର୍ଚ୍ଚ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 75
Bhubaneswar
19 March, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ବିଦ୍ୟୁତ କାଟ୍ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୩(ମହାଭାରତ): ଆଜି ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ନିଆଯାଇଥିବା ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ଦିନ ୧୧ଟା ରୁ ୫ଟା ଏବଂ ରାତି ୯ଟା ରୁ ସକାଳ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସମସ୍ତ ଜିଲ୍ଲାପାଳ ଓ ଉପସ୍ଥିତ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ କହିଲେ ଯେ ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆଗୁଆ। ଆସିଛି। ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ଅଧିକ ରହୁଛି। ଯଦିଓ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଗାମୀ ଦିନରେ ତାପମାତ୍ରା କମିବ, ତେବେ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡିବ। ସରକାରୀ ସ୍ତରରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଯାହା ଜାରି କରାଯାଇଛି, ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମାନେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକସ୍ଥଳେ ବାହାରେ ମଧ୍ୟ କାମ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ।

ଜିରୋ କାଜୁଆଲଟି ଲକ୍ଷ୍ୟ ରଖି ସମସ୍ତେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ସେ କହିଥିଲେ ଯେ ଅଂଶୁଘାତର ମୁକାବିଲା ପାଇଁ ଛାଇ ଓ ପାଣି ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳରେ ଟ୍ରାଫିକ ଛକ ଏବଂ ଗ୍ରାମାଞ୍ଚଳରେ ବସ୍‌ଷ୍ଟାଣ୍ଡ ଗୁଡିକରେ ଛାଇ ପାଇଁ ଚେଷ୍ଟ ବ୍ୟବସ୍ଥା ଓ ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ସମସ୍ତେ ଯତ୍ନବାନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଗତ ଦିନରେ ସଚେତନତାମୂଳକ ପ୍ରଚାର ପ୍ରସାର ଜରିଆରେ ଆମେ ସଫଳତା ପାଇଛୁ। ତେଣୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଟିଭି, ରେଡିଓ, ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ।



ସେହିପରି ସ୍କୁଲ ଗୁଡିକୁ ଯଥାଶୀଘ୍ର ସକାଳୁଆ କରିବା ପାଇଁ ତୁରନ୍ତ ଜାରି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଅଙ୍ଗନବାଡି କେନ୍ଦ୍ର ଗୁଡିକ ସମୟ ପରିବର୍ତ୍ତନ କରି ସକାଳ ୭ଟା ରୁ ୯ଟା ମଧ୍ୟରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୧୭ ହଜାରରୁ ଅଧିକ ନଳକୂପ ମଞ୍ଜୁର କରାଯାଇଛି। କୌଣସି ଜାଗାରେ ଯେପରି ପାଣି ପାଇଁ ଅସୁବିଧା ନ ହୁଏ, ତାହାକୁ ଦୃଷ୍ଟିରେ ରଖି ସପ୍ତାହକ ମଧ୍ୟରେ ନଳକୂପ ସ୍ଥାପନ ଓ ମରାମତି କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ପଦକ୍ଷେପ ନେବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ଯେଉଁସବୁ ଅଞ୍ଚଳରେ ପାନୀୟ ଜଳର ଅଭାବ ପରିଲକ୍ଷିତ ହେଉଛି, ସେ ସବୁ ଅଞ୍ଚଳକୁ ଚିହ୍ନଟ କରି ବୋର୍‌ୱେଲ ଓ ନଳକୂପର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ ସେହିପରି ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ପାଇଁ ଦିନ ୧୧ଟା ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଖରା ଦିନେ ବିଦ୍ୟୁତ କାଟ୍ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦିନ ୧୧ଟା ରୁ ୫ଟା ଏବଂ ରାତି ୯ଟା ରୁ ସକାଳ ୬ଟା ପର୍ଯ୍ୟନ୍ତ ଯେପରି ବିଦ୍ୟୁତ କାଟ୍ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ସେ ଶକ୍ତି ବିଭାଗକୁ କଡା ନିର୍ଦ୍ଦେଶ ଦେଇଥିଲେ। ଅଘୋଷିତ ବିଦ୍ୟୁତ କାଟ୍ ଯେପରି ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ମଧ୍ୟ ସେ କହିଥିଲେ କାଳବୈଶାଖୀ ସମୟରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ନ ହେବା ପାଇଁ ଆଗୁଆ। ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ସଭା, ସମିତି ଗୁଡିକୁ ପିକ୍ ଟାଇମ୍‌ରେ ଅନୁମତି ନ ଦେଇ ସକାଳେ ଓ ମଧ୍ୟାହ୍ନ ରେ କରିବା ପାଇଁ ସେ କହିଥିଲେ ସାଂସଦ ଓ ବିଧାୟକ ମାନଙ୍କୁ ଏ ବିଷୟରେ ଅବଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ଏଥିସହିତ ଖରାଦିନେ ଗ୍ରାମାଞ୍ଚଳରେ ନିଆଁ ଲାଗିବାର ସମ୍ଭାବନା ଥିବାରୁ ଅଗ୍ନିଶମ ବିଭାଗ ସଜାଗ ରହିବାକୁ ସେ କହିଥିଲେ। ଗ୍ରାମାଞ୍ଚଳରେ ଗ୍ରୀଷ୍ମଜନିତ ସମସ୍ୟାର ନିରାକରଣ ପାଇଁ ସରକାରୀ ଅଧିକାରୀ ମାନଙ୍କୁ କ୍ଷେତ୍ରକୁ ପଠାଇବା ସହିତ ଜିଲ୍ଲାପାଳ ମାନେ ନିଜେ ମଧ୍ୟ ଏ କ୍ଷେତ୍ରରେ ସଂଶ୍ଳିଷ୍ଟ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି, ଜିଲ୍ଲାସ୍ତରରେ ହେଉଥିବା ଅଭିଯୋଗ ପ୍ରକୋଷ୍ଠର ଶୁଣାଣୀ ସମୟ ପରିବର୍ତ୍ତନ କରି ସକାଳ ୭ଟା ରୁ ୧୦ଟା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀ, ଭୁବନେଶ୍ୱର ପାଣିପାଗ ବିଭାଗର ମୁଖ୍ୟ ଶ୍ରୀମତୀ ମନୋରମା ମହାନ୍ତି ଓ ଆଭାସୀ ଜରିଆରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ମାନେ ଉପସ୍ଥିତ ଥିଲେ।

# ନବଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ

ଝାରସୁଗୁଡା, ୧୮।୩(ମହାଭାରତ): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ଗୃହରେ ଆଇନ ମନ୍ତ୍ରୀ କହିଛନ୍ତି ଯେ ନବ ଦାସ ହତ୍ୟା ଘଟଣାର ସାନି ତଦନ୍ତ ହେବ ହତ୍ୟାକାଣ୍ଡରେ ସେମାନେ ନ୍ୟାୟ ଦେଇ ପାରି ନଥିଲେ ଯେଉଁ ଭଳି ତଦନ୍ତ ହେବା କଥା ନ୍ୟାୟ ମିଳିବା କଥା ଦେଇ ପାରିଲେନି ଯାହାକୁ ନେଇ ତାଙ୍କ ପରିବାର ଅସହମତି ପ୍ରକାଶ କରିଥିଲେ ଆମ ସରକାରକୁ ଲେଖିକି ଦେବା ପରେ ଆଜି ଠାରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ତାଙ୍କ ଘରେ କ୍ରାଇମବ୍ରାଞ୍ଚ ପହଞ୍ଚିଛି ଏବଂ ଷ୍ଟେଟମେଣ୍ଟ ରେକର୍ଡ କରିଛନ୍ତି।

ଆଇନ ମନ୍ତ୍ରୀ କହିଛନ୍ତି ଯେ ନବ ଦାସଙ୍କ ପରିବାର ଲୋକ ତଦନ୍ତରେ ସନ୍ତୁଷ୍ଟ ନଥିଲେ ତଦନ୍ତ ବାଟବଣା କରିଥିଲେ ପୂର୍ବ ସରକାର ତଦନ୍ତର ଅନେକ ଦିଗ ବନ୍ଦ ଥିଲା। ଯେଉଁଠି ଯେଉଁଠି ଲିଙ୍କ ଅଛି ତାହା ଖୋଲିବ କ୍ରାଇମବ୍ରାଞ୍ଚର ଦୁଇ ଅଧିକାରୀ ତାଙ୍କ ଘରକୁ ଯାଇଛନ୍ତି। ଆଗକୁ ଆଗକୁ ତଦନ୍ତ ଚାଲିବ ନିରପେକ୍ଷ ଓ କ୍ରିୟାଶୀଳତା ଭାବେ ତଦନ୍ତ ହେବ। ରାଜ୍ୟର ଏକ ମନ୍ତ୍ରୀଙ୍କୁ ରାସ୍ତା ଉପରେ ହତ୍ୟା ପଛରେ ଅଛି କିଏ କିଏ ଲିଙ୍କରେ ଅଛନ୍ତି, ତାହା ତଦନ୍ତ ହେବ କ୍ରାଇମବ୍ରାଞ୍ଚ ଉପରେ ଆମର ବିଶ୍ୱାସ ଅଛି।



ଦୀର୍ଘ ୭ ଘଣ୍ଟା ପରେ ନବ ଦାସଙ୍କ ଘରୁ ବାହାରିଲା କ୍ରାଇମବ୍ରାଞ୍ଚ ଟିମ୍। ନବ ଦାସଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କଲା ଟିମ୍। ନବ ଦାସଙ୍କ ପତ୍ନୀ ମିନତୀ ଦାସ, ଝିଅ ଦୀପାଳୀ ଦାସ ଏବଂ ପୁଅ ନବ ଦାସଙ୍କ ବୟାନ ରେକର୍ଡ କରାଯାଇଛି। ଆବଶ୍ୟକ ପଡିଲେ ଅନ୍ୟମାନଙ୍କର ବି ବୟାନ ରେକର୍ଡ କରାଯିବା ନେଇ ସୂଚନା ଦେଇଛି କ୍ରାଇମବ୍ରାଞ୍ଚ। ସେପଟେ ଏ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ। ସିବିଆଇ ଚିଠି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି ମୁଖ୍ୟମନ୍ତ୍ରୀ ସମୟ ଦେଲେ ଦେଖା କରି ଆଲୋଚନା କରିବୁ।

ପୁଣି କ୍ରାଇମବ୍ରାଞ୍ଚ ଖୋଲିଛି ନବ ଦାସ ହତ୍ୟା ଫାଇଲ୍। ହତ୍ୟା ମାମଲାର ପୁଣି ଥରେ ତଦନ୍ତ ହେବା ନେଇ ଗୃହରେ ସୂଚନା ଦେଇଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କହିଥିଲେ ନବ ଦାସ ହତ୍ୟା ମାମଲାରେ ପରିବାର ଲୋକଙ୍କୁ ନ୍ୟାୟ ଦେଇପାରିନଥିଲେ ପୂର୍ବ ସରକାର। ତଦନ୍ତରେ ପରିବାର ଲୋକ ସନ୍ତୁଷ୍ଟ ନଥିଲେ। ପୂର୍ବ ସରକାର ତଦନ୍ତ ବାଟବଣା କରିଥିଲେ। ତଦନ୍ତର ଅନେକ ଦିଗ ବନ୍ଦ ଥିଲା। ଏବେ ଯେଉଁଠି ଯେଉଁଠି ଲିଙ୍କ୍ ଅଛି ସବୁ ଖୋଲିବ। ନିରପେକ୍ଷ ଓ କ୍ରିୟାଶୀଳତା ଭାବେ ତଦନ୍ତ ହେବ। ରାଜ୍ୟର ଜଣେ ମନ୍ତ୍ରୀଙ୍କୁ ରାସ୍ତାରେ ହତ୍ୟା ପଛରେ କିଏ କିଏ ଅଛନ୍ତି ତାର ତଦନ୍ତ ହେବ ଯ କ୍ରାଇମବ୍ରାଞ୍ଚ ଉପରେ ଆମର ବିଶ୍ୱାସ ଥିବା କହିଥିଲେ ଆଇନମନ୍ତ୍ରୀ।

# ୫ ବିଭାଗରେ ୮୧୨ ଜଣଙ୍କୁ ନିଯୁକ୍ତିପତ୍ର

**ଭୁବନେଶ୍ୱର, ୧୮।୩(ମହାଭାରତ):** ସରକାରୀ ଚାକିରୀ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କର ସେବକ ଭାବେ ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷାକୁ ପୂରଣ କରିବା ଏବଂ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ରହିବା ଆବଶ୍ୟକ। ଆପଣମାନେ ଲୋକଙ୍କ ସେହି ଭରସାକୁ କୌଣସି ସମୟରେ କିମ୍ବା କୌଣସି ପରିସ୍ଥିତିରେ ଭାଙ୍ଗିବେ ନାହିଁ ବୋଲି ମୋର ଆଶା। ଆପଣଙ୍କ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ନିଷ୍ପତି ଏବଂ କାର୍ଯ୍ୟ ଜନମଙ୍ଗଳ ଉପରେ ଆଧାରିତ ହେବା ଉଚିତ୍।

ଆଜି ସ୍ଥାନୀୟ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମୁଦାୟ ୫ଟି ବିଭାଗର ୮୧୨ ଜଣ ନବନିଯୁକ୍ତ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ପରାମର୍ଶ ଦେଇ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକାଶ କରିଛନ୍ତି।

ସୂଚନା ଯୋଗ୍ୟଯେ, ଆଜି ସ୍ୱାସ୍ଥ୍ୟ ବିଭାଗର ଆୟୁଷ ନିର୍ଦ୍ଦେଶାଳୟରେ ୪୪୨ ଜଣ ଆୟୁଷ ଆସିଷ୍ଟାଂଟ, କୃଷି ବିଭାଗରେ ୬୫ ଜଣ ମୃତିକା ସଂପ୍ରସାରଣ କର୍ମଚାରୀ ଏବଂ ୩୩ ଜଣ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଶକ୍ତି ବିଭାଗରେ ୪୮ ଜଣ ମ୍ୟାନେଜମେଂଟ ଟ୍ରେନି, ଜଳ ସମ୍ପଦ ବିଭାଗରେ ୧୨ଜଣ କନିଷ୍ଠ ସହାୟକ ଓ ୧୪ ଜଣ ଅମିନ ଏବଂ ଇସ୍ପାତ ଓ ଖଣି ବିଭାଗରେ ୧୮୯ ଜଣ କନିଷ୍ଠ ଖଣି ଅଧିକାରୀ ଓ ୯ ଜଣ କନିଷ୍ଠ ସହାୟକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଗଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ମାନଙ୍କୁ ଉଦବୋଧନ ଦେଇ କହିଥିଲେଯେ, ବିକାଶ ଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୁ କରିବା ଦିଗରେ ଦକ୍ଷ ଓ ଉତମ ମାନବ ସମ୍ବଳ ଅପରିହାର୍ଯ୍ୟ। ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ସରକାରୀ ବ୍ୟବସ୍ଥା ସକ୍ରିୟ ଓ ସଜାଗ ରହେ ଏବଂ ଜନସାଧାରଣଙ୍କୁ ସଠିକ୍ ସମୟରେ ଆବଶ୍ୟକ ସେବା ଯୋଗାଇ ଦିଆଯାଏ। ଏହି ମୌଳିକ ସତ୍ୟକୁ ଉପଲବ୍ଧି କରି ଆମ ସରକାର ଦାୟିତ୍ୱ ନେବା ପରେ ପରେ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି। ରାଜ୍ୟର ବିକାଶ ଦିଗରେ ଆମ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଣୁ ଆପଣମାନଙ୍କ ପରି ଯୁବ ଏବଂ ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କ କଠିନ ପରିଶ୍ରମ ଏବଂ ନିଷ୍ଠା ଦ୍ୱାରା ହିଁ ଲୋକମାନେ ଏହି ପଦକ୍ଷେପ ଗୁଡିକର ସୁଫଳ ପାଇବାକୁ ସକ୍ଷମ ହେବେ।

# ମହାନଦୀ ଅବବାହିକାରେ ହେବ ୭ ବ୍ୟାରେଜ୍

ଭୁବନେଶ୍ୱର, ୧୮।୩(ମହାଭାରତ): ଜଳ ଉପଲବ୍ଧତା ଏବଂ ପରିଚାଳନା ବୃଦ୍ଧି ପାଇଁ ମହାନଦୀର ଶାଖା ନଦୀଗୁଡ଼ିକରେ ୭ଟି ନୂତନ ବ୍ୟାରେଜ୍ ନିର୍ମାଣ କରିବାକୁ ଓଡ଼ିଶା ସରକାର ଘୋଷଣା କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଓଡ଼ିଶାରେ ପାନୀୟ ଜଳ ଯୋଗାଣ ସମ୍ପର୍କିତ ସମସ୍ୟାକୁ ସମାଧାନ କରିବା ସମୟରେ ଏହି ଖବରକୁ ନିଶ୍ଚିତ କରିଛନ୍ତି।

ବିଧାନସଭାରେ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖି ମନ୍ତ୍ରୀ କହିଛନ୍ତି ଯେ ଏହି ପଦକ୍ଷେପ ସମ୍ପର୍କରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇଛି। ଏହା ବ୍ୟତୀତ, ରାଜ୍ୟରେ ଜଳର ସୁଗମ ପ୍ରବାହ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ପଡ଼ୋଶୀ ଛତିଶଗଡ଼ ସହିତ ଆଲୋଚନା କରୁଛନ୍ତି। ଆମେ ଜଳ ପ୍ରବାହ ସମ୍ପର୍କରେ ଛତିଶଗଡ଼ ସରକାରଙ୍କ ସହିତ ଆଲୋଚନା କରିଛୁ, ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ଛତିଶଗଡ଼ ମନ୍ତ୍ରୀଙ୍କ ସହିତ ଆଲୋଚନା କରୁଥିବା, ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ସହିତ, ଉଭୟ ରାଜ୍ୟର ଅଧିକାରୀମାନେ, ସମ୍ପୃକ୍ତ କମିଶନଙ୍କ ସମେତ, ଚିନ୍ତାର ସମାଧାନ ପାଇଁ ବୈଠକ ମଧ୍ୟ କରିଥିଲେ, ସେ କହିଛନ୍ତି। ଏହି ବ୍ୟାରେଜ୍ ନିର୍ମାଣ ଦ୍ୱାରା ଓଡ଼ିଶାରେ ଜଳସେଚନ, ପାନୀୟ ଜଳ ଯୋଗାଣ ଏବଂ ସାମଗ୍ରିକ ଜଳ ସମ୍ପଦ ପରିଚାଳନାରେ ଯଥେଷ୍ଟ ଉନ୍ନତି ଆସିବ ବୋଲି ମନ୍ତ୍ରୀ କହିଛନ୍ତି।

## ମହାନଦୀ ଅବବାହିକାରେ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱାରୋପ

ରାଜ୍ୟରେ ୨୦୧୮-୧୯ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମହାନଦୀ ଓ ତାହାର ଶାଖା ନଦୀର ଅବବାହିକାରେ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ନିମନ୍ତେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ୯୯୪୯.୯୪ ହେକ୍ଟର ସଘନ ବନୀକରଣ କରାଯାଇଛି। ସେହିପରି ୮୬୫୫୩.୮୭ ହେକ୍ଟର ଉଜୁଡା ଜଙ୍ଗଲକୁ ପୁଣି ପୂର୍ବ ରୂପକୁ ଫେରାଇବାର କାର୍ଯ୍ୟ କରାଯାଇଛି। ୩୮୪୦.୦୭ କିଲୋମିଟର ରାସ୍ତାର ପାର୍ଶ୍ୱରେ ବନୀକରଣ କରାଯାଇଛି ୧୧.୭୬ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣ କରାଯାଇଛି।

ସେହିପରି ୩୬୫.୦୯ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଥିବାବେଳେ ୨୭୩.୫୧ ଲକ୍ଷ ବୃକ୍ଷଚାରା ହିତାଧିକାରୀ ତଥା ବିଭିନ୍ନ ଅନୁଷ୍ଠାନ ଗୁଡିକୁ ବଣ୍ଟନ କରାଯାଇଛି ବୋଲି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ସୂଚନା ପ୍ରଦାନ କରିଛନ୍ତି।

ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପଚାରିଥିଲେ ଯେ, ମହାନଦୀ ଅବବାହିକାରେ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ସକାଶେ ଏପର୍ଯ୍ୟନ୍ତ କେତେ ହେକ୍ଟର ଜମିରେ ନୂଆ ବୃକ୍ଷରୋପଣ କରାଯାଇ ଜଙ୍ଗଲ ସୃଷ୍ଟି ଲକ୍ଷ୍ୟ ରଖାଯାଇଛି ସରକାର ଏହାର ସଠିକ ତଥ୍ୟ ଉପସ୍ଥାପନ କରିବେ କି ?

ଏହାର ଉତ୍ତରରେ ଉତ୍ତରରେ ଜଙ୍ଗଲ ମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨୯୩.୨୭ ହେକ୍ଟର ସଘନ ବନୀକରଣ କରାଯିବାର ଯୋଜନା ରହିଛି। ସେହିପରି ୨୭୮୪.୨୬ ହେକ୍ଟର ଉଜୁଡା ଟଙ୍ଗର ପୁନରୁଦ୍ଧାର କରାଯିବାର ଲକ୍ଷ୍ୟ ରଖାଯାଇଛି। ୦.୨୭ ଲକ୍ଷ ବୃକ୍ଷଚାରା ସହରାଞ୍ଚଳ ବନୀକରଣରେ ରୋପଣ କରାଯିବାର ଯୋଜନା ରହିଛି। ୧୨.୯୮ ଲକ୍ଷ ବୃକ୍ଷଚାରା ରୋପଣ କରାଯିବାର ଯୋଜନା ସହିତ ୧୩.୯ ଲକ୍ଷ ବୃକ୍ଷଚାରା ହିତାଧିକାରୀ ତଥା ବିଭିନ୍ନ ଅନୁଷ୍ଠାନ ଗୁଡିକୁ ବଣ୍ଟନ କରାଯାଇ ନୂତନ ଜଙ୍ଗଲ ସୃଷ୍ଟିର ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# ବଦଳିଲେ ୩ ଆଇଏଏସ ଅଫିସର

ଭୁବନେଶ୍ୱର, ୧୮।୩(ମହାଭାରତ): ଓଡ଼ିଶା ସରକାର ଆଇଏଏସସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି। ୩ ଆଇଏଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ପ୍ରକାଶିତ ବିଜ୍ଞପ୍ତିରେ ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମା, ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ୨୦୧୩ ବ୍ୟାଚର ଆଇଏଏସ୍ ଅଧିକାରୀ ଶୁଭମ ସାକ୍ସେନାଙ୍କୁ ବଦଳି କରାଯାଇଥିବା ଉଲ୍ଲେଖ କରାଯାଇଛି।

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମାଙ୍କୁ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକଙ୍କୁ ଲଘୁ ଖଣିଜ ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ, ଓଡ଼ିଶା ସରକାରଙ୍କ ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ, ଚକ୍ରବର୍ତ୍ତୀ ରାଜ୍ୟ ଲଘୁ ଖଣିଜ ପଦାର୍ଥ ବିଭାଗର ନିର୍ଦ୍ଦେଶକ ଥିଲେ। ଏହା ସହିତ, ୨୦୧୩ ବ୍ୟାଚର ଆଇଏଏସ୍ ଅଧିକାରୀ ଶୁଭମ ସାକ୍ସେନାଙ୍କୁ ଓଡ଼ିଶା କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି।

# ଖଣି ଚୋରି ରୋକିବା ପାଇଁ ବହୁ ପଦକ୍ଷେପ ନିଆଯାଇଛି

ଭୁବନେଶ୍ୱର, ୧୮।୩(ମହାଭାରତ): ଆଜି ଗୃହରେ ପ୍ରଶ୍ନୋତ୍ତର ସମୟରେ ଉଠିଛି ଖଣି ଚୋରି ପ୍ରସଙ୍ଗ। ଏହି ପ୍ରସଙ୍ଗରେ ବିରୋଧୀ ସଦସ୍ୟ ରାଜ୍ୟ ସରକାରଙ୍କୁ କଡ଼ା ପ୍ରଶ୍ନ କରିଥିବା ବେଳେ ଏହାର ଉତ୍ତର ରଖିଛନ୍ତି ବିଭାଗୀୟ ମନ୍ତ୍ରୀ। ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ଖଣି ଚୋରି ରୋକିବା ପାଇଁ କଣ ପଦକ୍ଷେପ ନିଆଯାଇଛି ଗୃହରେ ଘୋଷଣା କରିବାକୁ ଦାବି କରିଛନ୍ତି। ଏପରିକି ସରକାର ଏଥିପାଇଁ ଟାସ୍କ ଫୋର୍ସ ଗଠନ କରିବାକୁ ଦାବି କରିଛନ୍ତି ବିଜେଡ଼ି ବିଧାୟକ।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ, ରାଜ୍ୟ ସରକାର ଏକ ଦମ୍ଭୋକ୍ତି କରିଥିଲେ, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଆପଣେଇବେୟ ମାତ୍ର ଶୂନ୍ୟ ସହନଶୀଳତା ନୀତି ବଦଳରେ ଏବେ ପୂର୍ଣ୍ଣ ସହନଶୀଳତା ହୋଇଯାଇଛି ସୁନାର ଓଡିଶା ଲୁଟ ହେଉଛି ଦୁର୍ନୀତି ରୋକା ଯାଇ ପାରୁନାହିଁ ଲଘୁ ଖଣିଜ ପଦାର୍ଥ ବ୍ୟାପକ ଲୁଟ ହେଉଛି ଖଣି ବିଭାଗ ସଚିବଙ୍କୁ ଚିଠି ଲେଖିଥିଲି, କେନ୍ଦ୍ରାପଡ଼ାରେ ଏକ ଲଘୁ ଖଣିଜ ଲୁଟ ହେଉଛି, ଏନେଇ ଚିଠି ଲେଖିବାରୁ କୌଣସି ଫଳାଫଳ ମିଳିଲା ନାହିଁ ଲଘୁ ଖଣିଜ ଲୁଟ ହେବାର କାରଣ ଖଣି ଲିଜ ଦିଆଯାଉନାହିଁ, ବିନା ଟିପିରେ ଖଣିଜ ଉଠା ଯାଉଛି ବୋଲି ଗଣେଶ୍ୱର ବେହେରା କହିଛନ୍ତି। ବିଜେଡି ବିଧାୟକ କହିଛନ୍ତି ସରକାର ରାଜସ୍ୱ ଲୁଟ ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା କହୁଛନ୍ତି, କିନ୍ତୁ କଥାରେ ସବୁ ରହି ଯାଉଛି। ରାଜସ୍ୱ ଲୁଟ ହେବ ଆଉ ଆମେ କେମିତି ଆଖି ବୁଜି ଦେବା ମୁଖ୍ୟ ସଚିବ କହିବା ପରେ କାର୍ଯ୍ୟାନୁଷ୍ଠାନ ହେଉଛି କିନ୍ତୁ ମୂଳ ଅପରାଧୀ ଖସି ଯାଉଛନ୍ତି କାହିଁକି ଲଘୁ ଖଣିଜ ନିର୍ଦ୍ଦେଶାଳୟର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଶୋଇଛନ୍ତି ? ସରକାର ଏ ଦିଗରେ ନୀରବ କାହିଁକି ? ୬୩୬ ଲଘୁ ଖଣିଜ ଅଛି ତାହାର ନିଲାମ କେବେ କରିବେ? ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ସରକାର ଏ ସଂକ୍ରାନ୍ତରେ ଠୋସ ନିଷ୍ପତି ନେବେ କି ? ଦୁର୍ନୀତି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ? ସରକାର ଏକ ଟାସ୍କ ଫୋର୍ସ ଗଠନ କରିବେ କି ? ମୁଖ୍ୟମନ୍ତ୍ରୀ ଖଣି ଚୋରି ରୋକିବା ପାଇଁ କଣ ପଦକ୍ଷେପ ନେଇଛନ୍ତି ଗୃହରେ ଘୋଷଣା କରିବେ କି ? ଆମର ରାଜସ୍ୱହାନି ହେଉଛି ଏବଂ ପଡୋଶୀ ରାଜ୍ୟମାନେ ଆମର ସମ୍ପତ୍ତି ଲୁଟ କରି ନେଉଛନ୍ତି ବୋଲି ଏବେ ମିଳୁ ନାହିଁ କାମ ଠପ ହୋଇଯାଇଛି ଏବଂ ସମସ୍ତ ବିଧାୟକମାନେ ମଧ୍ୟ ଏହା ଉପଲବ୍ଧି କରୁଛନ୍ତି। ଏଥିପାଇଁ ବାଚସ୍ପତିଙ୍କୁ ନିବେଦନ କରି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜସ୍ୱ ସଚିବ, ଶିଳ୍ପ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ଡାକନ୍ତୁ ଏବଂ ଏନେଇ ଏକ ଆଲୋଚନା ହେଉ ଆଲୋଚନା କରି ଯେଉଁ ରାଜସ୍ୱହାନି ହେଉଛି ତାହାକୁ ରୋକିବାକୁ ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି। ଲଘୁ ଖଣିଜ ଲୁଟ ନେଇ ବିଜେଡି ଅଭିଯୋଗ ଉପରେ ଖଣି ମନ୍ତ୍ରୀ ବିଭୁତି ଜେନା ରଖିଛନ୍ତି ପ୍ରତିକ୍ରିୟା। ଯେଉଁମାନେ ଆଜି କହୁଛନ୍ତି ସେମାନେ ଜାଣିଛନ୍ତି ୨୦୨୩ରେ ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ଲଘୁ ଖଣିଜ ଆସିଛି। ଏ ଖଣି ଖାଦାନ ଚୋରା ଚାଲାଣ ଅଟକେଇବା ମୋ ବିଭାଗର ପ୍ରାଥମିକତା।

ଜାତୀୟ ଶିକ୍ଷାନୀତି

# ୬ ବର୍ଷରେ ନାମ ଲେଖା

**ଭୁବନେଶ୍ୱର, ୧୮।୩(ମହାଭାରତ):** ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେବା ପରେ, ଓଡ଼ିଶା ସରକାର ପ୍ରଥମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ପାଇଁ ନୂତନ ସର୍ବନିମ୍ନ ବୟସ ସୀମା ସ୍ଥିର କରିଛନ୍ତି। ମଙ୍ଗଳବାର ଦିନ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ବୟସ ମାନଦଣ୍ଡ ଅନୁଯାୟୀ, ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ବୟସ ଛଅ ବର୍ଷ କିମ୍ବା ତା'ଠାରୁ ଅଧିକ ସ୍ଥିର କରାଯାଇଛି।



ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ଶୈକ୍ଷିକ ବିକାଶ ସୁନିଶ୍ଚିତ କରିବା ପାଇଁ ଶିକ୍ଷାବିତ୍ ଏବଂ ବିଶେଷଜ୍ଞଙ୍କ ସହ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ, ଛାତ୍ରଛାତ୍ରୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ପାଇଁ, ଛଅ ବର୍ଷ ବୟସ ପୂରଣ କରିବାର ଶେଷ ତାରିଖ ମାର୍ଚ୍ଚ ୩୧ ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ମେଟ୍ରୋ ପ୍ରକଳ୍ପ ପରିସର ବୃଦ୍ଧି କରାଯିବ

ଭୁବନେଶ୍ୱର, ୧୮।୩(ମହାଭାରତ): ମେଟ୍ରୋ ପ୍ରକଳ୍ପକୁ ନେଇ ଯେଉଁ ଅନିଶ୍ଚିତତା ଦେଖାଦେଇଛି ସେନେଇ ଆଜି ନଗର ଉନ୍ନୟନ ମନ୍ତ୍ରୀ ଉତ୍ତର ରଖିଛନ୍ତି। ସେ କହିଛନ୍ତି ଯେ ପୂର୍ବ ସରକାର ଯେଉଁ ମେଟ୍ରୋର ପରିକଳ୍ପନା ତ୍ରିଶୁଳିଆ ପର୍ଯ୍ୟନ୍ତ କରିଥିଲେ, ଏହା କେତେଦୂର କାର୍ଯ୍ୟକ୍ଷମ ହେବ। ଟେକ୍ନିକାଲ ଲୋକଙ୍କୁ ରଖି ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇଛି ଏବଂ ଏହି କମିଟି ସର୍ଭେ ମଧ୍ୟ କରିଛି। ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବା। କେଉଁଠୁ କେଉଁ ପର୍ଯ୍ୟନ୍ତ ଗଲେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ସେ ନେଇ କମିଟି ତର୍ଜମା କରୁଛି। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ରହିଛି। ଏୟାରପୋର୍ଟରୁ ତ୍ରିସୁଳିଆ। ପର୍ଯ୍ୟନ୍ତ କରାଯାଇଥିଲା, ଏହା କେତେଦୂର ଯୁକ୍ତିଯୁକ୍ତ ଲୋକେ ତ୍ରିସୁଳିଆ। ପର୍ଯ୍ୟନ୍ତ ଯାଇ କଣ କରିବେ, କଟକ ପର୍ଯ୍ୟନ୍ତ ଯିବାର ଆବଶ୍ୟକତା ରହିଛି। ସେହିଭଳି ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ଯିବାର ଆବଶ୍ୟକତା ରହିଛି। କମିଟି ଅନୁଧ୍ୟାନ କରୁଛି ଏବଂ ଏହାର ପରିଧିକୁ ବିସ୍ତୃତ କରାଯିବ ଏବଂ ଏହି ପ୍ରକଳ୍ପକୁ ବାତିଲ କରାଯିବ ନାହିଁ। ଲୋକଙ୍କ ସରକାର ଲୋକଙ୍କର ଯାହା ଆବଶ୍ୟକତା ତାହା କରାଯିବ। ନନ୍ଦନକାନନ ରୋଡ଼ରେ ତିନିଆକିଆ ରୋଡ଼ ହେବ ଏବଂ ତା ସହିତ ମେଟ୍ରୋ ମଧ୍ୟ ଚାଲିବ।



# ରାଜ୍ୟରେ ୨,୧୦୩ ହାତୀ ଅଛନ୍ତି : ମନ୍ତ୍ରୀ

ଭୁବନେଶ୍ୱର, ୧୮।୩(ମହାଭାରତ): ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମଙ୍ଗଳବାର ଓଡ଼ିଶା ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ୨୦୨୪ ମସିହା ହାତୀ ଗଣନା ଅନୁଯାୟୀ, ରାଜ୍ୟର ୩୮ଟି ବନ ଉପଖଣ୍ଡରେ ୨,୧୦୩ ହାତୀ ଅଛନ୍ତି।

ବିଜେଡି ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଢେଙ୍କାନାଳ ବନ ଉପଖଣ୍ଡରେ ସର୍ବାଧିକ ୨୯୧ ହାତୀ ଅଛନ୍ତି। ତଥାପି, ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଗତ ତିନି ବର୍ଷ ମଧ୍ୟରେ ଢେଙ୍କାନାଳରେ ସର୍ବାଧିକ ହାତୀ ମୃତ୍ୟୁ ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ୪୧ ହାତୀଙ୍କ ମୃତ୍ୟୁ ହୋଇଛି। ମନ୍ତ୍ରୀ ଗୃହରେ କହିଛନ୍ତି, ସିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ରାଜ୍ୟରେ ସର୍ବାଧିକ ସଂଖ୍ୟକ ବାଘଙ୍କ ବାସସ୍ଥାନ। ଗତ ତିନି ବର୍ଷ ମଧ୍ୟରେ, ଶିକାରୀମାନେ ୨ଟି ରୟାଲ ବେଙ୍ଗଲ ଟାଇଗର ଏବଂ ୧୨ଟି ଚିତାବାଘକୁ ଶିକାର କରିଛନ୍ତି। କର୍ତ୍ତୃପକ୍ଷ ୬ଟି ରୟାଲ ବେଙ୍ଗଲ ଟାଇଗର ଚମଡ଼ା ଏବଂ ୬୩ଟି ଚିତାବାଘ ଚମଡ଼ା ଜବତ କରିଛନ୍ତି ବୋଲି ସେ କହିଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ଅନେକ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ସୂଚନା ପ୍ରଦାନ କରି ମନ୍ତ୍ରୀ କହିଛନ୍ତି, ଶିକାର ବିରୋଧୀ ଶିବିର, ଜଙ୍ଗଲ ପାଟ୍ରୋଲିଂ, ବନ୍ୟପ୍ରାଣୀ ଏବଂ ଶିକାର କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବୈଷୟିକ ପ୍ରଣାଳୀର ବ୍ୟବହାର, ଶିକାର ବିରୋଧୀ ଦଳ, ହାତୀ ସଂଖ୍ୟା ମନିଟରିଂ, ଶିକାର କାର୍ଯ୍ୟକଳାପ ଉପରେ ସୂଚନାଦାତାଙ୍କୁ ପ୍ରୋତ୍ସାହନ, ଜଳାଶୟର ଖନନ, ଖାଦ୍ୟ ଉତ୍ପାଦନକାରୀ ଗଛ ରୋପଣ, ଚାରଣ ଭୂମିର ବିକାଶ ଏବଂ ରେଳ, ବିଦ୍ୟୁତ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିଭାଗ ସହିତ ସମନ୍ୱୟ ବୈଠକ ଆଦି ପଦକ୍ଷେପ ଅନ୍ତର୍ଭୁକ୍ତ ବୋଲି ମନ୍ତ୍ରୀ କହିଛନ୍ତି। ସରକାର ଅନୁଦାନ ପ୍ରଦାନର ଅନଲାଇନ୍ ବଣ୍ଟନ ମଧ୍ୟ ଆରମ୍ଭ କରିଛନ୍ତି ଏବଂ ସଂରକ୍ଷଣ ପ୍ରୟାସକୁ ବୃଦ୍ଧି କରିବା ପାଇଁ ବ୍ୟାପକ ଜନସଚେତନତା ଅଭିଯାନ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।



## ବେସନ ବର୍ଫି

**ଆବଶ୍ୟକ ସାମଗ୍ରୀ:** ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଢ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



..... ପରଦା ଖବର .....

# ସଲମାନଙ୍କୁ ବୁଢ଼ା ବାଘ କହିଲେ କେଆରକେ





ଫିଲ୍ମ ସମୀକ୍ଷକ ତଥା ଅଭିନେତା କମଲ ଆର ଖାନ(କେଆରକେ) ସବୁବେଳେ ତାଙ୍କ ବୟାନ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ସେ ସବୁବେଳେ ବଲିଉଡ ସେଲିବ୍ରିଟିମାନଙ୍କୁ ଟାର୍ଗେଟ କରୁଥିବାର ଦେଖାଯାଏ। ଏହି କାରଣରୁ ଅନେକ ସମୟରେ ତାଙ୍କୁ ଟ୍ରୋଲ ବି କରାଯାଏ। ତେବେ କେଆରକେ ଏବଂ ସଲମାନ ଖାନଙ୍କ ମଧ୍ୟରେ ସବୁବେଳେ ଶତ୍ରୁତା ରହିଆସିଛି। ସଲମାନ ଖାନଙ୍କୁ ସମାଲୋଚନା କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ କେଆରକେ। ଏବେ ପୁଣି ଥରେ ସେ ସଲମାନଙ୍କ ଲୁକ୍ ଉପରେ ମନ୍ତବ୍ୟ ଦେଇଛନ୍ତି। ଏବେ ସଲମାନ ଖାନ ତାଙ୍କ ଫିଲ୍ମ 'ସିକନ୍ଦର'କୁ ନେଇ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମଟି ଇଦ୍ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି। 'ସିକନ୍ଦର'ର ସୁଟିଂ ଶେଷ କରିସାରିଛନ୍ତି ସଲମାନ, ଯାହା ପରେ ତାଙ୍କର ଏକ ନୂତନ ଲୁକ୍ ସାମ୍ନାକୁ ଆସିଛି। ଏହାକୁ ନେଇ କେଆରକେ ମନ୍ତବ୍ୟ ଦେଇଛନ୍ତି। 'ସିକନ୍ଦର'ର ସୁଟିଂ ଶେଷ ହେବା ପରେ ସଲମାନ ଖାନ ଦାନ୍ତ ଓ ନିଶ କାଟି ଦେଇଛନ୍ତି। ସଲମାନଙ୍କ ଦାନ୍ତ ଓ ନିଶ ନଥିବା ଲୁକର ଭିଡିଓ ସେୟାର କରି କେଆରକେ ଲେଖିଛନ୍ତି- 'ବଲିଉଡର ବୁଢ଼ା ବାଘ।' ସଲମାନ 'କ୍ଲିନ୍ ସେଭ' ହୋଇଥିବାରୁ ତାଙ୍କ ମୁହଁରେ ବୟସ ସ୍ପଷ୍ଟ ଭାବେ ଦେଖାଯାଉଛି। ତେବେ ଲୋକମାନେ କେଆରକେଙ୍କ ପୋଷ୍ଟରେ ନିଜର ପ୍ରତିକ୍ରିୟା ରଖିଥିବା ଦେଖାଯାଇଛି। ଜଣେ ବ୍ୟବହାରକାରୀ ଲେଖିଛନ୍ତି- 'କେଆରକେ, ତୁମେ ସଲମାନ ଖାନଙ୍କୁ କାହିଁକି ଈର୍ଷା କରୁଛ?' ଅନ୍ୟ ଜଣେ ଲେଖିଛନ୍ତି- 'ବାଘ ଯେତେ ପୁରୁଣା ହେଲେ ମଧ୍ୟ, ସେ ବାଘହିଁ ରହିଥାଏ।'


## ଶୁଭ ବୃକ୍ଷ

ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି। ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି। ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ। ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି। ପଳାଶ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ। ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ। ଘରେ କୁଣ୍ଡରେ ଚମ୍ପା, ଜସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ। ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ। ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ। ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ।



# କଳିଯୁଗ ଆରମ୍ଭ ବେଳେ ବିଚିତ୍ର ସ୍ଥିତ

ଦେବଲୋକରେ ଆଲୋଚନା ହେଲା, ସୃଷ୍ଟିର ନିର୍ମାଣ ତ' ସରିଗଲା ଏବେ ସୃଷ୍ଟି ହୋଇଥିବା ଜୀବଙ୍କ ବିନାଶ କିପରି ସମ୍ଭବ ହେବ। କୋଟି କୋଟି ପ୍ରକାରର ଜୀବଜନ୍ତୁ, ବୃକ୍ଷ-ବନସ୍ପତି, ଭୂମି, ପର୍ବତ, ନଦୀ, ପୁଷ୍କରିଣୀ, ଗ୍ରହ-ନକ୍ଷତ୍ର, ତାରା ଏବଂ ଜ୍ଞାତଅଜ୍ଞାତ ବସ୍ତୁର ନିର୍ମାଣ ଶେଷ ହୋଇସାରିଛି। ତେବେ ଏସବୁର ବିନାଶ କିପରି ହେବ ? ବିନାଶ ନହେଲେ ନବନିର୍ମାଣ ହେବା ସମ୍ଭବପର ନୁହେଁ। ତେବେ କୌଣସି ଶକ୍ତି ବିନାଶର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲେ। ଶେଷରେ କାଳଙ୍କୁ ଏହାର ଉପାୟ ବାହାର କରିବାକୁ କୁହାଗଲା। କାଳ ଶେଷରେ ପାପକୁ ଏହି ଦାୟିତ୍ୱ ଦେଲେ। ଚାରିଟି ଯୁଗ ମଧ୍ୟରୁ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗ ପାପକୁ ପ୍ରଶୟ ଦେବାକୁ ମନା କରି ଦେଲେ। କିନ୍ତୁ କଳିଯୁଗ ଏଥିପାଇଁ ଉତ୍ସୁକତା ପ୍ରକାଶ କଲା। ଏହାର ପ୍ରୟୋଗ କରିବା ଲାଗି କଳିଯୁଗ ପାପକୁ ଦୁଇ ବନ୍ଧୁଙ୍କ ଘର ଦେଖାଇଲା। ପୃଥିବୀରେ ରହୁଥିବା ଏହି ଦୁଇ ବନ୍ଧୁଙ୍କ ଘରେ ଅନ୍ନର ଅଭାବ ରହିଥିଲା। ଅନେକ ଦିନ ହେବ ଏମାନଙ୍କ ସନ୍ତାନମାନେ ଭୋକରେ ରହୁଥିଲେ। ସେଥିପାଇଁ ଦୁଇ ବନ୍ଧୁ ଶିକାର ନିମନ୍ତେ ଜଙ୍ଗଲକୁ ଗଲେ। ରାତିରେ ଏକ ଶିକାର ସେମାନଙ୍କୁ ମିଳିଗଲା। ମୃତ ଜୀବ ପାଖରେ ଏକ ମୁଦ୍ରା ପଡ଼ିଥିଲା। ଶିକାର ଏବଂ ମୁଦ୍ରା ପ୍ରାପ୍ତ କରି ଦୁଇ ବନ୍ଧୁଙ୍କ ଚେହେରା ଚମକି ଉଠିଲା। ଜଣେ କହିଲା, ଏହି ମୁଦ୍ରାରେ ବଜାରରୁ କିଛି ଖାଇବା ନେଇ ଆସ, ଯଦ୍ୱାରା ଆମର ଭୋକ ଦୂର ହୋଇପାରିବ। ଜଣେ ବଜାର ଚାଲିଗଲା ଓ ଅନ୍ୟ ଜଣେ ଜଙ୍ଗଲରେ ଗଛ ତଳେ ପଡ଼ିଥିବା ଶିକାର ନିକଟରେ ବସିଗଲା। ପ୍ରଥମ ବନ୍ଧୁ ବଜାରରୁ ଲଡ୍ଡୁ କିଣିଲା। ତତ୍କ୍ଷଣାତ୍ ସେ ଭାବିଲା, ଯଦି ମୁଁ ମୋ ସାଙ୍ଗକୁ ମାରି ଦିଏ, ଶିକାର ଏବଂ ମୁଦ୍ରା ମୋର ହୋଇଯିବ। ଏହା ଭାବି ସେ ଲଡ୍ଡୁରେ ବିଷ ମିଶାଇ ଦେଲା। ଦ୍ୱିତୀୟ ସାଙ୍ଗ ଭାବିଲା, ବଜାରରୁ ଆସୁଥିବା ସାଙ୍ଗକୁ ହତ୍ୟା କଲେ କିପରି ହେବ। ଏହାପରେ ସବୁକିଛି ମୋର ହୋଇଯିବ। ସେ ନିଜ ବନ୍ଧୁକୁ ଆସୁଥିବା ଦେଖି ତୀର ଚଳାଇଲା। ବନ୍ଧୁ ସେଇଠି ମରିଗଲା। ବନ୍ଧୁ ମରିଯିବା ପରେ ସେ ଲଡ୍ଡୁ ଖାଇବାକୁ ଆରମ୍ଭ କରିବା ମାତ୍ରେ ସେଇଠି ହିଁ ମୃତ୍ୟୁବରଣ କଲା। ଏହିପରି କଳିଯୁଗର ଆରମ୍ଭ ପୃଥିବୀରେ ହୋଇଗଲା।



# ରକ୍ତଚାପ ଏବଂ ମଧୁମେହକୁ ନିୟନ୍ତ୍ରଣ କରିବାକୁ ସେବନ କରନ୍ତୁ ଏହି ୩ଟି ପତ୍ର

ବିଶ୍ୱବ୍ୟାପି ଲକ୍ଷ ଲକ୍ଷ ଲୋକେ ମଧୁମେହ ଏବଂ ରକ୍ତଚାପରେ ପୀଡ଼ିତ ଅଛନ୍ତି। ଏହି ଦୁଇଟି ଏପରି ରୋଗ ଯାହା ଅନେକ ରୋଗକୁ ଜନ୍ମ ଦେଇଥାଏ। ଏଥିପାଇଁ ଏହି ରୋଗରୁ ନିସ୍ତାର ପାଇବା ଅତ୍ୟନ୍ତ ଜରୁରୀ। ମଧୁମେହ ଏବଂ ରକ୍ତଚାପ ଜୀବନଶୈଳୀ ପାଇଁ ରୋଗ, ଯାହା ପ୍ରତ୍ୟେକ ବୟସର ଲୋକଙ୍କୁ ହୋଇଥାଏ। ଏହି ରୋଗଗୁଡ଼ିକ କାବୁରେ ରଖିବା ପାଇଁ ଆପଣଙ୍କୁ ନିୟମିତ ଔଷଧ ଖାଇବାକୁ ପଡ଼ିବ। ଆପଣ ଏହା ଜାଣିଛନ୍ତି କି ଔଷଧ ବ୍ୟତୀତ ଆପଣ ଔଷଧୀୟ ଗୁଣରେ ଭରପୂର ତୁଳସୀ, ନିମ ପତ୍ର, ଭୃଷୁଙ୍ଗ ପତ୍ର ସେବନ କଲେ ମଧ୍ୟ ମଧୁମେହ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରି ପାରିବେ। ଆସନ୍ତୁ ଜାଣିବା କିପରି ଏହି ପତ୍ରଗୁଡ଼ିକ ମଧୁମେହ ଏବଂ ରକ୍ତଚାପକୁ ନର୍ମାଲ ରଖିବାରେ ଲାଭଦାୟକ ହୋଇଥାଏ।




୧. ତୁଳସୀ ପତ୍ର : ତୁଳସୀକୁ ଆୟୁର୍ବେଦର ରାଣୀ କୁହାଯାଏ। ଏହା ଆମ ଶରୀରକୁ ଅନେକ ରୋଗରୁ ଦୂରେଇ ରଖିଥାଏ। ଅନେକ ଗବେଷଣାରୁ ଜଣା ଯାଇଛି ଯେ ଖାଲି ପେଟରେ ତୁଳସୀ ପତ୍ର ସେବନ କଲେ ଟାଇପ ୨ ମଧୁମେହରେ ପୀଡ଼ିତ ଲୋକଙ୍କ ଶର୍କରା ସ୍ତର କମିଥାଏ। ରକ୍ତଚାପକୁ କମ୍ କରିବାରେ ଏବଂ ହୃଦରୋଗରୁ ବର୍ତ୍ତିବା ପାଇଁ ତୁଳସୀ ପତ୍ର ଲାଭଦାୟକ ହୋଇଥାଏ।

୨. ଭୃଷୁଙ୍ଗ ପତ୍ର : ଭୃଷୁଙ୍ଗ ପତ୍ରକୁ ମିଠା ନିମ ମଧ୍ୟ କୁହାଯାଇଥାଏ। ଭୃଷୁଙ୍ଗ ପତ୍ର ଭାରତୀୟ ଖାଦ୍ୟରେ ଅଧିକ ବ୍ୟବହାର କରାଯାଇଥାଏ। ଭୃଷୁଙ୍ଗ ପତ୍ର କେବଳ ଆପଣଙ୍କ ଖାଦ୍ୟକୁ ସୁଗନ୍ଧିତ କରିନଥାଏ ବରଂ ଏହାର ବିଭିନ୍ନ ସ୍ୱାସ୍ଥ୍ୟଦାୟକ ଗୁଣ ମଧ୍ୟ ରହିଛି। ଭୃଷଙ୍ଗ ପତ୍ର ନିୟମିତ ସେବନ କରିବା ଦ୍ୱାରା ଇନସୁଲିନ୍ ପ୍ରସ୍ତୁତ କରୁଥିବା କୋଶିକାକୁ ଷ୍ଟିମ୍ୟୁଲେଟ୍ କରିବାରେ ସାହାଯ୍ୟ ମିଳିଥାଏ। ଏହି କୋଶିକାଗୁଡ଼ିକ ରକ୍ତ ଶର୍କରାର ସ୍ତରକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

୩. ନିମ ପତ୍ର : ନିମ ପତ୍ର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ନିମ ପତ୍ର ପ୍ରତିଦିନ ସକାଳେ ସେବନ କରିବା ଦ୍ୱାରା ରକ୍ତ ଶର୍କରାର ସ୍ତର କମ୍ ହୋଇଥାଏ। ନିମ ପତ୍ରର ଆଣ୍ଟିହିଷ୍ଟାମାଇନ୍ ପ୍ରଭାବ ରକ୍ତବାହିକାକୁ ପତଳା କରିପାରେ। ଏହି କାରଣ ଯୋଗୁଁ ଏହି ପତ୍ର ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରିଥାଏ।

# ଶେଷଥର ପାଇଁ ଲକ୍ଷ୍ମଣ ତପସ୍ୟା କରିଥିବା ସ୍ଥାନ

ଋକ୍ ବେଦରେ ଉତ୍ତରାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି। ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି। କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତ୍ତରାଖଣ୍ଡ ସହ ସଂଯୋଗ ରହିଥିଲା। ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉତ୍ତରାଖଣ୍ଡରେ କରିଥିଲେ। ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତ୍ତରାଖଣ୍ଡର ଗଢ଼ୱାଲରେ କରିଥିଲେ। ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢ଼ୱାଲର ତପୋବନରେ କରିଥିଲେ। ଯଦି ଆପଣ କେବେ ଉତ୍ତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ ଶୁଣିଥିବେ। ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ। ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ। ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ। ଏଠାରେ ପର୍ବତାରୋହଣ ପାଇଁ କ୍ୟାମ୍ପିଂ କରାଯାଇଥାଏ। ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ। ପର୍ଯ୍ୟଟକମାନେ ଏଠାରେ ସାତାପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି। ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢିବାକୁ ପସନ୍ଦ କରିଥାନ୍ତି। ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ।



# ୨୦୨୦ ପରଠାରୁ ଯାତ୍ରୀ ଭଡ଼ା ବୃଦ୍ଧି କରିନାହିଁ ରେଳବାଇ

**ଭୁବନେଶ୍ୱର,୧୮।୩ (ମହାଭାରତ):** ମଙ୍ଗଳବାର ଦିନ ଲୋକସଭାରେ ରେଳ ମନ୍ତ୍ରଣାଳୟ ନିୟନ୍ତ୍ରଣରେ ଥିବା ଦାବି ଏବଂ ଅନୁଦାନ ଉପରେ ଆଲୋଚନାର ଉତର ଦେଇଛନ୍ତି କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ତାଙ୍କ ଭାଷଣରେ, ସେ ଭାରତୀୟ ରେଳବାଇର ପ୍ରଗତି ଉପରେ ଆଲୋକପାତ କରିଥିଲେ ଏବଂ ସମୟାନୁବର୍ତିତା, ନିଯୁକ୍ତି, ସୁରକ୍ଷା, ରପ୍ତାନି ଏବଂ ଭିତିଭୂମି ବିକାଶକୁ ପ୍ରାଥମିକତା ଦେଇଥିଲେ। ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ନିଯୁକ୍ତି ପ୍ରଦାନ କରିବାରେ ମଧ ରେଳବାଇ ଆଗରେ ଅଛି। ଦେଶର ପ୍ରଗତି ପାଇଁ, ସେ ସମସ୍ତଙ୍କୁ ରାଷ୍ଟ୍ର ପ୍ରଥମ, ସର୍ବଦା ପ୍ରଥମ ମନୋଭାବ ସହିତ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ।

ରେଳମନ୍ତ୍ରୀ ଗୃହରେ କହିଥିଲେ ଯେ ରେଳବାଇର ସମୟାନୁବର୍ତିତାରେ ଏକ ବଡ଼ ଉନ୍ନତି ଆସିଛି। ଏହି ବର୍ଷ, ୬୮ ଟି ଡିଭିଜନ ମଧ୍ୟରୁ ୪୯ ଟି ଡିଭିଜନରେ ଟ୍ରେନଗୁଡ଼ିକର ସମୟାନୁବର୍ତିତା ୮୦% ରୁ ଅଧିକ ରେକର୍ଡ କରାଯାଇଛି। ଆହୁରି ଗର୍ବର କଥା ହେଉଛି ଯେ ୧୨ଟି ଡିଭିଜନରେ ଯେଉଁଠାରେ ସମୟାନୁବର୍ତିତା ୯୫% ପର୍ଯ୍ୟନ୍ତ ପହଞ୍ଚିଥିଲା। ଆମେ ବିଶ୍ୱର ବଡ଼ ବଡ଼ ଦେଶମାନଙ୍କ ସ୍ତରରେ ପହଂଚିବାକୁ ଚେଷ୍ଟା କରୁଛୁ।ଏହା ରେଳବାଇର ଗୁଣବତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା।ନିଯୁକ୍ତି ସୃଷ୍ଟି ବିଷୟରେ ଉଲ୍ଲେଖ କରି ରେଳମନ୍ତ୍ରୀ କହିଥିଲେ ଯେ ଭାରତୀୟ ରେଳ ଗତ ୧୦ ବର୍ଷ ମଧ୍ୟରେ ୫ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଛି, ଯାହା ଏକ ବଡ଼ ସଫଳତା। ବର୍ତ୍ତମାନ ମଧ ୧ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ରେଳମନ୍ତ୍ରୀ କହିଛନ୍ତି ଯେ ଏବେ ଭାରତୀୟ ରେଳବାଇରେ ସୁରକ୍ଷାକୁ ପ୍ରାଥମିକତା ଦେଇ ଅନେକ ବୈଷୟିକ ପରିବର୍ତ୍ତନ କରାଯାଇଛି। ଲମ୍ବା ରେଳ, ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ, କୁହୁଡ଼ି ସୁରକ୍ଷା ଉପକରଣ ଭଳି ପଦକ୍ଷେପ ରେଳ ଯାତ୍ରାକୁ ଅଧିକ ସୁରକ୍ଷିତ କରିଛି। ୫୦,୦୦୦ କିଲୋମିଟର ପୁରୁଣା ଟ୍ରାକକୁ ଅପସାରଣ କରାଯାଇ ନୂତନ ଟ୍ରାକ ସହିତ ବଦଳାଯାଇଛି, ଯାହା ସୁରକ୍ଷାରେ ଯଥେଷ୍ଟ ଉନ୍ନତି ଆଣିଛି। ୩୪,୦୦୦ କିଲୋମିଟର ନୂତନ ରେଳ ଟ୍ରାକ ନିର୍ମାଣ କରାଯାଇଛି, ଯାହା ଜର୍ମାନୀର ସମଗ୍ର ରେଳ ନେଟୱାର୍କଠାରୁ ଅଧିକ। ଭାରତ ଲୋକୋମୋଟିଭ୍ ଉତ୍ପାଦନରେ ମଧ ବିଜୟୀ ହୋଇଛି। ରେଳମନ୍ତ୍ରୀ କହିଛନ୍ତି ଯେ ଦେଶରେ ୧୪୦୦ ଲୋକୋମୋଟିଭ୍ ଉତ୍ପାଦିତ ହୋଇଛି ଯାହା ଆମେରିକା ଏବଂ ୟୁରୋପର ମୋଟ ଉତ୍ପାଦନଠାରୁ ଅଧିକ। ଭାରତୀୟ ରେଳବାଇ ବିଶ୍ୱ ସ୍ତରରେ ନିଜର ଦୃଢ଼ ଉପସ୍ଥିତି ପଞ୍ଜୀକୃତ କରିଛି। ଗୃହକୁ ସୂଚନା ଦେଇ ରେଳମନ୍ତ୍ରୀ କହିଥିଲେ ଯେ ଆଜି ଭାରତ ଏକ ବଡ଼ ରେଳ ରପ୍ତାନିକାରୀ ହୋଇପାରିଛି। ମେଟ୍ରୋ କୋଚ୍ ଅଷ୍ଟ୍ରେଲିଆକୁ, ରେଳ କୋଚ୍ ୟୁକେ, ସାଉଦି ଆରବ ଏବଂ ଫ୍ରାନ୍ସକୁ ଏବଂ ଅପରେସନ୍ ଉପକରଣ ମେକ୍ସିକୋ, ସ୍ପେନ୍, ଜର୍ମାନୀ ଏବଂ ଇଟାଲୀକୁ ରପ୍ତାନି କରାଯାଉଛି। ସେ କହିଥିଲେ ଯେ ଖୁବ୍ ଶୀଘ୍ର ବିହାରରେ ତିଆରି ଲୋକୋମୋଟିଭ୍ ବିଶ୍ୱରେ ପ୍ରସିଦ୍ଧ ହେବ ଏବଂ ତାମିଲନାଡୁରେ ତିଆରି ଚକ ବିଶ୍ୱର ଅନ୍ୟ ଦେଶର ଟ୍ରେନରେ ମଧ ଚାଲିବା ଦେଖାଯିବ। ଏହା ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଶ୍ରୀ ବୈଷ୍ଣବ କହିଥିଲେ ଯେ ଭାରତୀୟ ରେଳବାଇ ୨୦୨୦ ପରଠାରୁ ଯାତ୍ରୀ ଭଡ଼ା ବୃଦ୍ଧି କରିନାହିଁ। ଭାରତରେ ରେଳ ଭଡ଼ା ବିଶ୍ୱରେ ସବୁଠାରୁ କମ୍। ଭାରତରେ ୩୫୦ କିଲୋମିଟର ଯାତ୍ରା ପାଇଁ ଭଡ଼ା ମାତ୍ର ୧୨୧/- ଟଙ୍କା ଥିବା ବେଳେ ପାକିସ୍ତାନରେ ୪୩୬ ଟଙ୍କା, ବାଂଲାଦେଶରେ ୩୨୩ ଟଙ୍କା ଏବଂ ଶ୍ରୀଲଙ୍କାରେ ୪୧୩ ଟଙ୍କା ରହିଛି। ୟୁରୋପୀୟ ଦେଶଗୁଡ଼ିକରେ, ଭାରତ ତୁଳନାରେ ରେଳ ଭଡ଼ା ପ୍ରାୟ ୨୦ ଗୁଣ ଅଧିକ। ମାଲ ପରିବହନରେ ଅଭିବୃଦ୍ଧିକୁ ଉଲ୍ଲେଖ କରି ରେଳମନ୍ତ୍ରୀ କହିଛନ୍ତି ଯେ ୩୧ ମାର୍ଚ୍ଚରେ ଶେଷ ହେଉଥିବା ଆର୍ଥିକ ବର୍ଷରେ, ଭାରତୀୟ ରେଳବାଇ ବିଶ୍ୱର ୧.୬ ବିଲିୟନ ଟନ୍ ମାଲ ପରିବହନ କରୁଥିବା ଶ୍ରେଷ୍ଠ ୩ ଦେଶ ମଧ୍ୟରେ ସ୍ଥାନ ପାଇବ, ଯାହା ମଧ୍ୟରେ ଚୀନ୍, ଆମେରିକା ଏବଂ ଭାରତ ଅନ୍ତର୍ଭୁକ୍ତ ହେବ। ଏହା ରେଳବାଇର ବୃଦ୍ଧି ପାଉଥିବା ସମ୍ଭାବନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରେ।

# ଜଙ୍ଗଲ ନିଆଁକୁ ଜଗିବ ଏଆଇ କ୍ୟାମେରା

**ଭୁବନେଶ୍ୱର,୧୮।୩ (ମହାଭାରତ):** ଜଙ୍ଗଲ ନିଆଁ ନିୟନ୍ତ୍ରଣ ନେଇ ପିସିସିଏଫ୍ ସୁରେଶ ପନ୍ତ୍‌ଙ୍କ ସୂଚନା। ଜଙ୍ଗଲ ନିଆଁ ଲିଭାଇବାରେ ୯୯.୯୯% ସଫଳ ହେଉଛି ବନ ବିଭାଗ। ଅଧିକ ନିଆଁ ଲାଗିଲେ ଗୃହ ବିଭାଗ ଜରିଆରେ ଓଡ୍ରାଫ୍ ସହାୟତା ନେବୁ ବୋଲି କହିଛନ୍ତି ପିସିସିଏଫ୍। ତେବେ ପ୍ରଥମ ରାଜ୍ୟ ଭାବେ ଓଏଫ୍‌ଏମଏସ ଫରେଷ୍ଟ ଫାୟର ଆପ୍ଲିକେସନର ବ୍ୟବହାର କରାଯାଉଛି। ଯାହା ଜଙ୍ଗଲ ନିଆଁ ଅନୁସନ୍ଧାନ ଏବଂ ରିପୋର୍ଟିଂ ପାଇଁ ବେଶ ଉପଯୋଗୀ ହେଉଛି ବୋଲି କହିଛନ୍ତି ପିସିସିଏଫ।

ଜଙ୍ଗଲ ନିଆଁ ରୋକିବା ପାଇଁ ଜିଲ୍ଲା ସ୍ତରରେ ଆକ୍ସନ ପ୍ଲାନ୍ କରାଯାଉଛି। ସବୁଠୁ ବଡ କଥା ଜଙ୍ଗଲ ନିଆଁ ରୋକିବାରେ ସହାୟକ ସାଜିଛି ଏଆଇ କ୍ୟାମେରା। ଶିମିଳିପାଳରେ ୫ଟି ଓ ରାଉରକେଲା ବନ ବିଭାଗରେ ଲାଗିଛି ୪ଟି କ୍ୟାମେରା। ତତ୍କାଳ ତଥ୍ୟ ପାଇଁ ଶିମିଳିପାଳରେ ୫ଟି ଇଓ କ୍ୟାମେରା ଲାଗିଛି। ଚଳିତ ବର୍ଷ ୧୫,୭୨୩ କିମି ନୂଆ। ଫାୟର ଲାଇନ୍ ସୃଷ୍ଟି ହୋଇଛି ବୋଲି କହିଛନ୍ତି



ପିସିସିଏଫ୍ ସୁରେଶ ପନ୍ତ। ତେବେ ରାଜ୍ୟରେ ଜଙ୍ଗଲ ନିଆଁ ଉପରେ ନଜର ରଖିଛି ଅତ୍ୟାଧୁନିକ ଏଆଇ କ୍ୟାମେରା। ନିଆଁ ଲାଗିବା ମାତ୍ରେ ୩ ରୁ ୫ ମିନିଟ ମଧ୍ୟରେ ଖବର ପାଇବ ବନ ବିଭାଗ। ଖବର ପାଇବା ମାତ୍ରେ ତତ୍କାଳ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିବ। ଅତ୍ୟାଧୁନିକ ଏଆଇ କ୍ୟାମେରା ୨୦ କିଲୋମିଟର ଦୂରରୁ ସଠିକ ନିଆଁ ତଥ୍ୟ ଦେଇ ପାରିବ। ଶିମିଳିପାଳ ଜଙ୍ଗଲରେ ୫ଟି ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜା ଯାଇଥିବା ବେଳେ ସାତକୋଶିଆ, ଅନୁଗୁଳ ଢେଙ୍କାନାଳ ଜଙ୍ଗଲରେ ଆଉ ୬ଟି ଅତ୍ୟାଧୁନିକ ଇଓ କ୍ୟାମେରା ଲଗାଯିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ପୂର୍ବରୁ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ। ଦୁଇଟି ସାଟେଲାଇଟ୍ ମାଧ୍ୟମରେ ଦିନକୁ ୪ ଥର ଜଙ୍ଗଲ ନିଆଁ ଖବର ପଠାଉଥିଲେୟ ନିଆଁ ଲାଗିବାର ୩ରୁ ୬ ଘଣ୍ଟା ମଧ୍ୟରେ ଖବର ମିଳୁଥିଲା। କିନ୍ତୁ ଅତ୍ୟାଧୁନିକ ଏଆଇ କ୍ୟାମେରାକୁ କେବଳ ୫ ମିନିଟ ସମୟ ଲାଗିବ। ଏଆଇ କ୍ୟାମେରା ପ୍ରାକୃତିକ ନିଆଁ ଓ କୃତ୍ରିମ ଲାଇଟ ମଧ୍ୟରେ ଥିବା ପ୍ରଭେଦକୁ ଜାଣି ପାରୁଥିବାରୁ ନିଆଁ ସମ୍ପର୍କିତ ବାସ୍ତବ ତଥ୍ୟ ବନ ବିଭାଗ ପାଇବ।

# ୩ ବର୍ଷରେ ୪,୮୫୭ କିଡ୍‌ନି ରୋଗୀ ମୃତ

**ଭୁବନେଶ୍ୱର,୧୮।୩ (ମହାଭାରତ):** ଆଜି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଉପସ୍ଥାପିତ ଏକ ଲିଖିତ ବିବୃତି ଅନୁଯାୟୀ, ଓଡ଼ିଶାରେ କିଡନି ରୋଗୀଙ୍କ ସଂଖ୍ୟାରେ ଉଦ୍ବେଗଜନକ ବୃଦ୍ଧି ଘଟିଛି। ଗତ ତିନି ବର୍ଷ ମଧ୍ୟରେ ୪,୮୫୭ ଜଣଙ୍କ ମୃତ୍ୟୁ ହୋଇଛି।

ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ, ବୃକକ୍ ରୋଗରେ ଆକ୍ରାନ୍ତ ୧୫,୭୫୨ ଜଣଙ୍କ ମଧ୍ୟରୁ ୧୦,୮୯୫ ଜଣଙ୍କୁ ଆବଶ୍ୟକୀୟ ଚିକିତ୍ସା ଦିଆଯାଇଛି।

ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା ପାଇଁ, ରାଜ୍ୟ ସରକାର ୬୮ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ୫୧୧ଟି ଡାଏଲିସିସ୍ ବେଡ୍ ସ୍ଥାପନ କରିଛନ୍ତି। ଏହି ପ୍ରୟାସଗୁଡ଼ିକର ଲକ୍ଷ୍ୟ ଏହି ଦୀର୍ଘକାଳୀନ ରୋଗରେ ପୀଡିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇବା।

ସିକେଡି ବୃଦ୍ଧି କରୁଥିବା ଜେନେଟିକ୍ ଅବସ୍ଥାର ପ୍ରାରମ୍ଭିକ ଚିହ୍ନଟକୁ ଲକ୍ଷ୍ୟ କରି, ବହୁ-କେନ୍ଦ୍ରିକ ନବଜାତକ ସ୍କ୍ରିନିଂ କାର୍ଯ୍ୟକ୍ରମ ଏବେ ଓଡ଼ିଶା ସମେତ ଛଅଟି ରାଜ୍ୟରେ କାର୍ଯ୍ୟକ୍ଷମ ହେଉଛି। ଏସଓଟିଟିଓ ସହିତ ଏମ୍ସ- ଭୁବନେଶ୍ୱରର ପ୍ରତିରୋପଣ ସମନ୍ୱୟ ପୁଲିସ-ଏନଜିଓ ସହଭାଗୀତା ମାଧ୍ୟମରେ ବୃକକ୍ ଦାନ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ବରଗଡ଼ ଜିଲ୍ଲାର ଅଧ୍ୟୟନରୁ ଜଣାପଡିଛି ଯେ, ୧୬ଟି ହଟସ୍ପଟ୍ ଗାଁରେ ନେଫ୍ରୋଟକ୍ସିକ କୀଟନାଶକ (କ୍ଲୋରପାଇରିଫସ୍, ପାରାକ୍ୱାଟ୍) ସୁରକ୍ଷା ସୀମା ଅତିକ୍ରମ କରିଛି। ହୀରାକୁଦ ଡ୍ୟାମ୍ ଜଳସେଚନ ବ୍ୟବହାର କରୁଥିବା କୃଷକଙ୍କଠାରେ ୪୦ ବର୍ଷରୁ କମ୍ ବୟସ୍କଙ୍କ ପୁରୁଷଙ୍କ ମଧ୍ୟରେ ୨୧ ପ୍ରତିଶତ ସିକେଡି ପ୍ରବଣତା ଦେଖାଇଛନ୍ତି। ଏହା ଧାନ ଜମିରେ କୀଟନାଶକ ବ୍ୟବହାର ସହିତ ଜଡ଼ିତ।

୨୦୨୨ ରୁ ୨୦୨୫ ମଧ୍ୟରେ ଓଡ଼ିଶାରେ ୪,୬୪୮ ସିକେଡି ଜନିତ ମୃତ୍ୟୁ ରେକର୍ଡ କରାଯାଇଛି। ଯେଉଁଥିରେ ୧୫,୭୫୨ ଜଣ ନିଶ୍ଚିତ ହୋଇଛନ୍ତି। ଅଧିକ ଘଟଣା ଘଟୁଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ସମ୍ବଲପୁରରେ ୭୪୪ ମୃତ୍ୟୁ ଘଟିଛି। ସେହିପରି, କଟକରେ ୭୭୮ ମୃତ୍ୟୁ ଏବଂ କୋରାପୁଟ ୨୬୬ ମୃତ୍ୟୁ ଘଟିଛି। କଟକ ଜିଲ୍ଲା ଏକ ସ୍ଥାୟୀ ହଟସ୍ପଟ୍ ହୋଇ ରହିଛି। କୃଷି କ୍ଷେତ୍ରରେ ୮୫ ପ୍ରତିଶତ ମାମଲା ସିକେଡି ପାଇଁ ଦାୟୀ।

ପ୍ରଧାନମନ୍ତ୍ରୀ ଜାତୀୟ ଡାଏଲିସିସ୍ କାର୍ଯ୍ୟକ୍ରମରେ ମାଗଣା ହେମୋଡାୟଲିସିସ୍ ଯୋଗାଇ ଦିଆଯାଉଛି। ସେହିପରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପ୍ରତିରୋପଣ କରାଯାଉଛି।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସୂଚନା ଅନୁଯାୟୀ, ଓଡ଼ିଶାରେ ତିନି ବର୍ଷ ମଧ୍ୟରେ ୪,୮୫୭ ଜଣ କିଡନି ରୋଗରେ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ବଢୁଥିବା ସିକେଡି ମାମଲାଗୁଡ଼ିକର ମୁକାବିଲା ପାଇଁ ୫୧୧ ଶଯ୍ୟା ସହିତ ୬୮ଟି ଡାଏଲିସିସ୍ କେନ୍ଦ୍ର ଅଛି। ପ୍ରାୟ ୯୦ ଜଣ ରୋଗୀ ଏସସିବି ମେଡିକାଲ କଲେଜରେ ପେରିଟୋନିଆଲ୍ ଡାଏଲିସିସ୍ ପାଉଛନ୍ତି।

# ଆଜିଠୁ ଉନ୍ନବିଂଶ ତୋଷାଳି ମେଳା



**ଭୁବନେଶ୍ୱର,୧୮।୩ (ମହାଭାରତ):** ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ଉନ୍ନବିଂଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା-୨୦୨୫। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦଘାଟନ କରିବେ। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତବର୍ଷ ଏହି ମେଳାରେ ୬୫୦ରୁ ଅଧିକ ଷ୍ଟଲର ଆୟୋଜନ ହୋଇଛି। ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୧୫୦ଟି ଷ୍ଟଲ, ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୫୦ ଟି ଷ୍ଟଲ, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୨୫୦ ଷ୍ଟଲ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧୧୦ ଟି ଷ୍ଟଲ ବ୍ୟବସ୍ଥା ହୋଇଛି। ଓଡିଶାର ପାରମ୍ପରିକ ଖାଦ୍ୟ ପାଇଁ ୩୫ ଗୋଟି ଷ୍ଟଲ ରହିବ। ଏତଦ ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ, ଭାରତ ତଥା ଓଡିଶା ସରକାରଙ୍କ ଅଧିନସ୍ଥ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଭିତିକ ସଂସ୍ଥାମାନେ ବିଭିନ୍ନ ଷ୍ଟଲରେ ଦର୍ଶକମାନଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଷୟରେ ଅବଗତ କରିବେ । ୨୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପ୍ରସ୍ତୁତ ହୋଇଛି ଥିମ ପାଭିଲିଅନ୍ "ଶିଳ୍ପ ସୃଜନୀ।" ଦିବା ୩.୦୦ ଘଟିକା ଠାରୁ ରାତ୍ର ୧୦.୦୦ ଘଟିକା ପର୍ଯ୍ୟନ୍ତ ଷ୍ଟଲ ଖୋଲା ରହିବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ ରୁ ରାତ୍ର ୯.୩୦ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।

# ବିଧାନସଭା ଘେରାଉ ପାଇଁ କଂଗ୍ରେସ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ୱର,୧୮।୩ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଡାକରାରେ ଆଗାମୀ ୨୭ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ଏବଂ ଜିଲ୍ଲାରୁ ଯେପରି ବହୁ ସଂଖ୍ୟାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ଯୋଗଦେବେ ସେଥିପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ପ୍ରତ୍ୟେକ ଜିଲ୍ଲା ନିମନ୍ତେ ନିମ୍ନମତେ ପର୍ଯ୍ୟବେକ୍ଷକ ଓ ପ୍ରବକ୍ତା ନିଯୁକ୍ତି କରିଛନ୍ତି। ଖୁବଶୀଘ୍ର ଏହି ପର୍ଯ୍ୟବେକ୍ଷକ ଓ ପ୍ରବକ୍ତାମାନେ ସଂପୃକ୍ତ ଜିଲ୍ଲା ସଭାପତିଙ୍କୁ ଯୋଗାଯୋଗ କରି ଜିଲ୍ଲା ଗସ୍ତ କରିବେ ଏବଂ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀମାନଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବେ। ସେହିପରି ପ୍ରବକ୍ତାମାନେ ସ୍ଥାନୀୟ ଗଣମାଧ୍ୟମଙ୍କ ଜରିଆରେ ଏହି ବାର୍ତାକୁ ଜନାସଧାରଣଙ୍କ ନିକଟରେ ପଂହଚାଇବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପ୍ରେକ୍ଷୀରେ ଅନୁଗୁଳ ଜିଲ୍ଲା ପାଇଁ ଯଥାକ୍ରମେ ପର୍ଯ୍ୟବେକ୍ଷକ ଭାବେ ଅମିୟ ପଟ୍ଟନାୟକ ଓ ପ୍ରବକ୍ତାଭାବେ ଜୟଶ୍ରୀ ପାତ୍ର ନିଯୁକ୍ତି ପାଇଥିବା ବେଳେ ବାଲେଶ୍ୱର ପାଇଁ ପଦ୍ମାକର ଗୁରୁ, ବନ୍ଦିତା ପରିଡ଼ା, ବରଗଡ଼- ଆକବର ଖାନ, ଘାସିରାମ ମାଝୀ, ଭଦ୍ରକ ଅଜିତ ଜେନା, ପଦ୍ମାକର ଗୁରୁ, ଭୁବନେଶ୍ୱର- ମହମ୍ମଦ ଇମଦାଦ, ପଂଚାନନ କାନୁନଗୋ, ବଲାଙ୍ଗୀର- ସୁଜିତ ପାଢ଼ୀ, ନକୁଳ ନାୟକ, ବୌଦ୍ଧ- ସଂଗ୍ରାମ କେଶରୀ ମହାନ୍ତି, ହମିଦ ହୁସେନ, କଟକ-ଅମରେଶ ପରିଡ଼ା, ବିଜୟଲକ୍ଷ୍ମୀ ସାହୁ, କଟକ ସିଟି-କିଶୋର ଜେନା, ବିଜୟଲକ୍ଷ୍ମୀ ସାହୁ, ଦେବଗଡ଼-ବଲବିର ସିଂ, ମନୋଜ ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଶିଳ୍ପ ଅଭିବୃଦ୍ଧି ପାଇଁ ୮୦୧ କୋଟି ଟଙ୍କାର ବ୍ୟୟ ବରାଦ

**ଭୁବନେଶ୍ୱର,୧୮।୩ (ମହାଭାରତ):** ରାଜ୍ୟକୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ଶିଳ୍ପ ବିଭାଗ ପାଇଁ ୮୦୧ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ ବିଧାନସଭାରେ କହିଛନ୍ତି।

ଆଜି ବିଧାନସଭାରେ ଶିଳ୍ପ ବିଭାଗର ଖର୍ଚ୍ଚଦାବି ଉପରେ ହୋଇଥିବା ଆଲୋଚନାର ଉତର ଦେଇ ସେ ଏହା କହିଛନ୍ତି। ରାଜ୍ୟରେ ପୁଞ୍ଜିନିବେଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ 'ଉତ୍କର୍ଷ ଓଡିଶା - ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫'ର ଅବଦାନ ଉଲ୍ଲେଖନୀୟ। ୨୦୨୫ ଜାନୁୟାରୀ ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି କନକ୍ଲେଭ୍ ଓଡିଶାକୁ ପୂର୍ବ-ଭାରତର ଏକ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ପରିଗଣିତ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ୨୦୩୬ ସୁଦ୍ଧା ଆମେ ଯେତେବେଳେ ଓଡିଶାକୁ ସମୃଦ୍ଧ କରି ଗଢି ତୋଳିବାର ପରିକଳ୍ପନା କରୁଛୁ, ମୋର ଦୃଢ ବିଶ୍ୱାସ ଏହି କନକ୍ଲେଭ୍ 'ସମୃଦ୍ଧ ଓଡିଶା'ଗଠନ ଦିଗରେ ନିଶ୍ଚୟ ସହାୟକ ହେବ। ଚଳିତବର୍ଷ ସଂସ୍କରଣ ମାଧ୍ୟମରେ ରାଜ୍ୟକୁ ୨୦ଟି ଭିନ୍ନ ଭିନ୍ନ କ୍ଷେତ୍ରରେ ୫୯୩ଟି ପ୍ରସ୍ତାବ ଆସିବାସହିତ ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟମିଳିଛି। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୧୨ ଲକ୍ଷ ୮୮ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇପାରିବ। ତନ୍ମଧ୍ୟରୁ ରାଜ୍ୟ ସରକାର, ବ୍ୟାପକ ନିଯୁକ୍ତି ସମ୍ଭାବନା ଥିବା ପ୍ରୋତ୍ସାହନ ଦେବା ସହ ପ୍ରତିଷ୍ଠା କରିବା ତଥା ପରିବେଶ ଅନୁକୂଳ ଶିଳ୍ପକୁ ପ୍ରାଧାନ୍ୟ ଦେଇ ୧୪୫ଟି ଶିଳ୍ପସଂସ୍ଥା ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛନ୍ତି। ଉତ୍କର୍ଷ ଓଡିଶା କନକ୍ଲେଭରେ ସିଙ୍ଗାପୁର, ମାଲେସିଆ। ଓ ଅଷ୍ଟ୍ରେଲିଆ। ଭଳି ସହଯୋଗୀ ଦେଶ ଗୁଡିକର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ଏବଂ ୧୬ରୁ ଅଧିକ ଦେଶର ୧୦୦ରୁ ଅଧିକ ବିଦେଶୀ ପ୍ରତିନିଧି ମଧ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିବା, ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ଏବଂ ପ୍ରଚାରକୁ ସୁଦୃଢ କରିବା ପାଇଁ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ପ୍ରଚାର ଓ ପ୍ରସାରର ଉପଯୋଗ ପାଇଁ ଇପିକଲକୁ ଅନୁଦାନ ଯୋଜନା ଅଧୀନରେ ୧୨୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ 'ଉତ୍କର୍ଷ ଓଡିଶା - ମେକ୍ ଇନ୍ ଓଡିଶାକନକ୍ଲେଭ' ପରବର୍ତ୍ତି କାର୍ଯ୍ୟକ୍ରମ ନିମନ୍ତେ ୩୮.୦୬ କୋଟି ଟଙ୍କାର ବଜେଟ୍ ଅନୁଦାନ ପ୍ରସ୍ତାବ ଦିଆଯାଇଛି।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସରଳ ଓ ସହଜ କରିବା ନିମନ୍ତେ ସମ୍ବଲପୁର, ଝାରସୁଗୁଡା, ରାୟଗଡା, ଜଗତସିଂହପୁର, ଭଦ୍ରକ ଏବଂ କେନ୍ଦ୍ରାପଡାରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ କକ୍ଷ ପ୍ରତିଷ୍ଠା କରାଯାଇଛି।

ଶିଳ୍ପମନ୍ତ୍ରୀ କହିଥିଲେ ଯେ, ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲା ଅଞ୍ଚଳକୁ ସଂଯୋଗ କରୁଥିବା ଅଞ୍ଚଳରେ ଶିଳ୍ପ କରିଡର ଉନ୍ନତି ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏଥିପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେ କହିଥିଲେ ଯେ, ଆଗରୁ ରାଜ୍ୟକୁ ଶିଳ୍ପ ନ ଆସିବା କାରଣ ପଛରେ ଏଫଡ଼ିଆଇ ଉପଯୋଗୀ ଅଲ୍ଟ୍ୟାମଡର୍ଣ୍ଣ ଫାସିଲିଟିଜ ଅଭାବ ରହିଥିଲା। ଯାହାଫଳରେ ରାଜ୍ୟ ସରକାର ବିଶ୍ୱସ୍ତରୀୟ ଭିତିଭୂମୀ ଯୋଗାଇ ଦେବାରେ ବିଫଳ ହୋଇଥିଲେ। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ରାଜଧାନୀ ଅଞ୍ଚଳରେ ଏଫଡ଼ିଆଇ ପାର୍କ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସ୍ୱଳ୍ପମୂଲ୍ୟରେ ଶିଳ୍ପ ଶ୍ରମିକ ରହଣୀ ସୁବିଧା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଶିଳ୍ପାଞ୍ଚଳରେ ସରକାର ଆବାସୀକ ହଷ୍ଟେଲ ନିର୍ମାଣ କରୁଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ୧୬୦୬, ଖୋର୍ଦ୍ଧାର ଜୟମଙ୍ଗଳା ଠାରେ ୧୩୪୯, ଛତାବର ଶିଳ୍ପାଞ୍ଚଳରେ ୧୪୪୨, ଖୋର୍ଦ୍ଧାର ଶ୍ରମିକ ନିବାସ ଠାରେ ୨୦୦ ଏବଂ ବାଲେଶ୍ୱର ଠାରେ ୧୩୪୯ ଶଯ୍ୟା ବିଶିଷ୍ଟ ଶ୍ରମିକ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଶେଷ ହେବାକୁ ଯାଉଛି। ଏହା ଛଡ଼ା ବଲାଙ୍ଗିର, କଟକର ଚୌଦ୍ୱାର, ଝାସୁଗୁଡ଼ା, ବାଲେଶ୍ୱର ଓ ଯାଜପୁର କଳିଙ୍ଗନର ଶିଳ୍ପକମ୍ପ୍ଲେକ୍ସ, ପାରାଦୀପରେ ଏକଜୁକ୍ୟୁଟିଭ୍ ହଷ୍ଟେଲ ଏବଂ ପ୍ଲାଷ୍ଟିକ ପାର୍କରେ ଶ୍ରମିକ ମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ କିରବା ପାଇଁ ଡେରାସରେ କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ କାର୍ଯ୍ୟ ଜାରି ରହିଛି।

# ତୁଳସୀ ବୃକ୍ଷ ରୋପଣ ଓ ପୂଜନ ଦ୍ୱାରା ମନରେ ଶାନ୍ତି ଆନନ୍ଦ ଉପଲବ୍ଧ ହୁଏ

**ଭୁବନେଶ୍ୱର,୧୮।୩ (ମହାଭାରତ):** ଶ୍ରୀ ଜଗନ୍ନାଥ ଆଶ୍ରିତ ମଣ୍ଡଳୀ ପକ୍ଷରୁ ଭକ୍ତ ଶିରୋମଣି ଦାସିଆ ପିଠାସ୍ଥ ତୁଳସୀ କ୍ଷେତ୍ରରେ ଚାରା ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ଭାବେ ଯୋଗଦାନ କରି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ ବିଭିନ୍ନ ଉଦାହରଣ ମାଧ୍ୟମରେ ତୁଳସୀ ବୃକ୍ଷର ମାହାତ୍ମ୍ୟ ଏବଂ ପୂଜନ ସମ୍ପର୍କରେ ଆଲୋଚନା କରି କହିଲେ ଯେ ଆମ ସଂସ୍କୃତି ପରମ୍ପରାରେ ନାରୀ ମାନେ ଯଦି ନୀତିନିଷ୍ଠ ହୋଇ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପାଳନ କରିବେ ତେବେ ଆମ ସମାଜରେ ବହୁ ସମସ୍ୟାର ସମାଧାନ ହୋଇପାରିବ, ସେ ଏହି ଅବସର ରେ ସୁରୁଚି, ସୁନୀତି, ଦ୍ରୌପଦୀ, ସୀତା, କୁନ୍ତୀ, ଦେବକୀ, ଆଦି ବହୁ ପୌରାଣିକ ପ୍ରତାସ୍ମରଣୀୟ ନାରୀ ମାନଙ୍କ ଉପରେ ଆଲୋଚନା କରିଥିଲେ। ବାଳକୃଷ୍ଣସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତଏହି ସଭାରେ ସଂପାଦକ ଇଂ ଗଣେଶଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣପ୍ରଦାନ ସହ ବିବରଣୀ ପାଠ କରିଥଲେ। ବକ୍ତା ଆଲୋଚକ ଭାବେ ଡକ୍ଟର ଆରତି କର, ଧରଣୀଧର ବେହେରା, ଦୀପ୍ତି ରଂଜନ ମହାନ୍ତି, ଅନୂପ ରାଉତ, ବନଲତା ମହାପାତ୍ର, କବିର ବେହେରା, କୈଳାସ ଚନ୍ଦ୍ର ବଳ ଆଦି ଯୋଗଦାନ କରି ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ଭାବ ଭକ୍ତି ସମର୍ପଣ ଦ୍ୱାରା ମଣିଷ ଈଶ୍ୱରଙ୍କ କୃପା ପ୍ରାପ୍ତ ହୁଏ ପ୍ରକାଶ କରିଥିଲେ। ବରିଷ୍ଠ ସଦସ୍ୟ ରମାକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ, ପ୍ରହ୍ଲାଦ ସାହୁ ଭଜନ ଗାନ ସହ ଗ୍ରାମବାସୀ ବଦକୀର୍ତ୍ତନ କରିଥିଲେ। କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଗର କୁମାର ବଳଙ୍କୁ ସମ୍ମାନିତ କରାଯାଇଥିଲା।

# ରାଜ୍ୟରେ ବଢୁଛି ଏଚ୍‌ଆଇଭି ସଂକ୍ରମଣ

**ଭୁବନେଶ୍ୱର,୧୮।୩ (ମହାଭାରତ):** ରାଜ୍ୟରେ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ଏଚଆଇଭି ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଥିବାର ଦାବି କରୁଥିଲେ ମଧ ବାସ୍ତବପକ୍ଷେ ତାହା ସଂକ୍ରମଣ ହାରକୁ ହ୍ରାସ କରିବାରେ ସକ୍ଷମ ହୋଇନି। ଓଲଟା ପ୍ରତିବର୍ଷ ଏହି ସଂକ୍ରମିତଙ୍କ ହାର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ୨୦୨୪ ଡିସେମ୍ବର ସୁଦ୍ଧା ମୋଟ ୬୩୭୪୨ଜଣ ଏଚଆଇଭି ସଂକ୍ରମିତ ରୋଗୀ ଚିହ୍ନଟ ହୋଇଥିବାବେଳେ ପ୍ରତିବର୍ଷ ଏହି ସଂଖ୍ୟା ବିବାରେ ଲାଗିଛି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଦେଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରୁ ଜଣାପଡ଼ିଛି ଯେ, ୨୦୨୧-୨୨ରେ ୨୩୪୧ଜଣ ବ୍ୟକ୍ତି ଏଚଆଇଭି ସଂକ୍ରମିତ ଥିବାବେଳେ ୨୦୨୨-୨୩ରେ ୩୨୩୨ଜଣ ଓ ୨୦୨୩-୨୪ରେ ୩୪୩୬ଜଣ ଏଚଆଇଭି ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ଏଚଆଇଭି ସଂକ୍ରମଣ ରୋକିବାପାଇଁ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ନେଇଛନ୍ତି। ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଓ ସଂକ୍ରମଣ ହାରକୁ ପ୍ରଶମିତ କରିବା ପାଇଁ ରାଜ୍ୟରେ ମୋଟ ୨୦ଟି ଏଆରଟି କେନ୍ଦ୍ର, ୧୭ଟି ଲିଙ୍କ୍ ଏଆରଟି ଓ ୧୨ଟି ଗୋଷ୍ଠୀ ସେବା କେନ୍ଦ୍ର କାର୍ଯ୍ୟ କରୁଛି। ଆଶଙ୍କାପ୍ରବଣ ଗୋଷ୍ଠୀଙ୍କ ମଧ୍ୟରେ ଏଚଆଇଭି ସଂକ୍ରମଣ ହାରକୁ ରୋକିବା ପାଇଁ ରାଜ୍ୟରେ ୫୨ଟି ଲକ୍ଷ୍ୟଭେଦୀ ପ୍ରକଳ୍ପ ଓ ୮୦୦ଟି ଗାଁରେ ୭ଟି ଲିଙ୍କ୍ ୱାର୍କର ଯୋଜନା କାର୍ଯ୍ୟକାରୀ କରୁଛି। ରାଜ୍ୟରେ ମୋଟ ୧୬୭ଟି ସ୍ୱତନ୍ତ୍ର ପରାମର୍ଶ ଓ ପରୀକ୍ଷା କେନ୍ଦ୍ର, ୭ଟି ବେସରକାରୀ ସହଭାଗିତା କେନ୍ଦ୍ର ଓ ୧୨୩୨ଟି ସୁବିଧା ପରାମର୍ଶ ଓ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି। ରାଜ୍ୟରେ ପ୍ରବାସୀ ଶ୍ରମିଙ୍କ ମଧ୍ୟରେ ଏଚଆଇଭି ସଂକ୍ରମଣକୁ ରୋକିବା ପାଇଁ ୧୧ଟି ରେଳଷ୍ଟେସନ ଓ ବସଷ୍ଟାଣ୍ଡରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏଚଆଇଭି ସଂକ୍ରମିତ ଗର୍ଭବତୀ ମହିଳାଙ୍କର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରାଇବା ପାଇଁ ପ୍ରୋତ୍ସାହନ ରାଶି ମଧ ଦିଆଯାଉଛି। ତେବେ ଆଶ୍ଚର୍ଯ୍ୟର କଥା ସରକାରଙ୍କ ଏତେସବୁ ପ୍ରୟାସ ବାସ୍ତବରେ ଫଳପ୍ରଦ ହୋଇପାରିନାହିଁ । ସଚେତନତାର ଅଭାବରୁ ଏବେବି ପ୍ରତିବର୍ଷ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ବିବାରେ ଲାଗିଛି।

# ନିର୍ବାଚନ ଖର୍ଚ୍ଚ ୧୧୫ କୋଟି

**ଭୁବନେଶ୍ୱର,୧୮।୩ (ମହାଭାରତ):** ୨୦୨୪ ରେ ଓଡ଼ିଶାରେ ଏକକାଳୀନ ଲୋକସଭା ଏବଂ ବିଧାନସଭା ନିର୍ବାଚନ ସମୟରେ ରାଜ୍ୟ ସରକାର ଗାଡ଼ି ଏବଂ ସାଉଣ୍ଡ ସିଷ୍ଟମ ଭଡା ଏବଂ ତମ୍ବୁ ଏବଂ ବ୍ୟାରିକେଡ୍ ଲଗାଇବା ପାଇଁ ୧୧୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଏହା ପ୍ରକାଶ କରିଛନ୍ତି। ଗତ ବର୍ଷ ଓଡ଼ିଶାରେ ଯୁଗ୍ମ ନିର୍ବାଚନ ସମୟରେ ରାଜ୍ୟ ସରକାର ଗାଡ଼ି ଏବଂ ସାଉଣ୍ଡ ସିଷ୍ଟମ ଭଡା ଏବଂ ତମ୍ବୁ ଏବଂ ବ୍ୟାରିକେଡ୍ ଲଗାଇବା ପାଇଁ ମୋଟ ୧୧୫.୯୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ବର୍ଷ ନିର୍ବାଚନ ସମୟରେ ସରକାର ଗାଡ଼ି ଭଡା ପାଇଁ ୮୦.୯୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ।

# ୨୬୦୦ ରୁ ଊର୍ଦ୍ଧ୍ୱ ଗାଁରେ ନାହିଁ ମୋବାଇଲ ସେବା

**ଭୁବନେଶ୍ୱର,୧୮।୩ (ମହାଭାରତ):** ଡିଜିଟାଲ୍ ଭିତ୍ତିଭୂମିରେ ଦ୍ରୁତ ଉନ୍ନତି ସତ୍ତ୍ୱେ, ଓଡିଶାର ୨,୬୦୩ ଗ୍ରାମ ଏପର୍ଯ୍ୟନ୍ତ ମୋବାଇଲ୍ ନେଟୱାର୍କ ସେବା ପାଇନାହିଁ, ଯାହା ଓଡିଶା ବିଧାନସଭାରେ ପ୍ରକାଶ ପାଇଛି। ବିଧାୟକ ରମେଶ ବେହେରାଙ୍କ ଦ୍ୱାରା ଉଠାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ତଥ୍ୟ ପ୍ରଦାନ କରିଛନ୍ତି। ସରକାରୀ ସଂଖ୍ୟା ଅନୁଯାୟୀ, ଓଡିଶାରେ ମୋଟ ୫୧,୧୭୬ ଗ୍ରାମ ଅଛି, ଯେଉଁଥିରୁ ୨,୬୦୩ ଗ୍ରାମ ସଂଯୋଗରୁ ବଞ୍ଚିତ ରହିଛି।

ମନ୍ତ୍ରୀ କହିଛନ୍ତି ଯେ, ଭାରତ ସରକାର ଏବଂ ଓଡିଶା ସରକାରଙ୍କ ସହଯୋଗରେ ଡିଜିଟାଲ୍ ଭାରତ ନିଧି ପଦକ୍ଷେପ ପ୍ରତ୍ୟେକ ଗ୍ରାମକୁ ମୋବାଇଲ୍ ସଂଯୋଗ ଆଣିବାର ଲକ୍ଷ୍ୟ ରଖିଛି। ଏହାକୁ ହାସଲ କରିବା ପାଇଁ, ସରକାର ସାରା ରାଜ୍ୟରେ ୪,୨୧୦ ମୋବାଇଲ୍ ଟାୱାର ସ୍ଥାପନ ପ୍ରସ୍ତାବ ଦେଇଛନ୍ତି। ଏଥିମଧ୍ୟରୁ ୨,୫୭୨ ଟାୱାର ପୂର୍ବରୁ କାର୍ଯ୍ୟକ୍ଷମ ହୋଇଛି, ଯାହା ଗ୍ରାମାଞ୍ଚଳରେ ନେଟୱାର୍କ ପ୍ରବେଶକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରୁଛି। ଅବଶିଷ୍ଟ ଟାୱାରଗୁଡ଼ିକ ଜୁନ୍ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି, ଯାହା ସାରା ଓଡିଶାରେ ସାର୍ବଜନୀନ ମୋବାଇଲ୍ ସଂଯୋଗକୁ ସୁନିଶ୍ଚିତ କରିବ। ଏହି ଗ୍ରାମଗୁଡ଼ିକରେ ମୋବାଇଲ୍ ସେବାର ଅଭାବ ଡିଜିଟାଲ୍ ଅନ୍ତର୍ଭୁକ୍ତି, ଶିକ୍ଷା, ଇ-ଗଭର୍ଣ୍ଣାନ୍ସ ଏବଂ ଆର୍ଥିକ କାରବାରରେ ଏକ ପ୍ରମୁଖ ପ୍ରତିବନ୍ଧକ ହୋଇଛି ବୋଲି ଅଭିଯୋଗ ହୋଇଛି। ସରକାରଙ୍କ ଏହି ପଦକ୍ଷେପ ଡିଜିଟାଲ୍ ବିଭାଜନକୁ ଦୂର କରିବ ଏବଂ ଦୂରଦୂରାନ୍ତ ଏବଂ ଅନୁନ୍ନତ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ବିକାଶକୁ ସହଜ କରିବ ବୋଲି ଆଶା କରାଯାଉଛି।

ଡିଜିଟାଲ୍ ସଂଯୋଗୀକରଣ ଆଧୁନିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଥିବାରୁ, ଏହି ପ୍ରକଳ୍ପର ସମାପ୍ତି ଓଡ଼ିଶାର ପ୍ରଯୁକ୍ତିବିଦ୍ୟା ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଦିଗରେ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ସରକାର ଆଶ୍ୱାସନା ଦେଇଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ଗ୍ରାମ ପାଇଁ ନିର୍ବିଘ୍ନ ମୋବାଇଲ୍ ନେଟୱାର୍କ ପ୍ରବେଶ ସୁନିଶ୍ଚିତ କରି ଜୁନ୍ ୨୦୨୫ ସମୟସୀମା ପୂରଣ କରିବା ପାଇଁ ପ୍ରୟାସ କରାଯିବ।

# ଭାରତରେ ଅନୁପ୍ରବେଶକାରୀ

ବାଂଲାଦେଶରୁ ଅନୁପ୍ରବଶ ଜାରି ରହିଛି । ଏଥିର ଓଡ଼ିଶା ବହୁଳଭାବେ ପ୍ରଭାବିତ ହେଉଛି । ଗତ ୬୦ ବର୍ଷ ଭିତରେ ଓଡ଼ିଶାରେ ଅତି କମରେ ୬୦ ଲକ୍ଷ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି । ଏଠାରେ ସେମାନେ ସ୍ଥାୟୀ ନାଗରିକ ଭଳି ବସବାସ କରୁଛନ୍ତି ଏବଂ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପାଉଛନ୍ତି । ଭାରତବାସୀଙ୍କ ଖାଦ୍ୟ, ବସ୍ତ୍ର, ବାସଗୃହରେ ସେମାନେ ଭାଗ ବସାଉଛନ୍ତି । ଓଡ଼ିଶାର ସାମାଜିକ ଏବଂ ଅର୍ଥନୈତିକ ଦୁର୍ଗତିର ଏହା ଏକ ବଡ଼ କାରଣ । ଏଥିରେ ପଶ୍ଚିମବଙ୍ଗର ଭୂମିକା ସବୁଠାରୁ ସମାଲୋଚନାଯୋଗ୍ୟ । ପଶ୍ଚିମବଙ୍ଗରେ ଦୀର୍ଘ ବର୍ଷ ହେବ ବାମପନ୍ଥୀ ଶାସନ ଚାଲିଥିଲା । ପରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ ଶାସନ ଚାଲିଛି । ଉଭୟ ସରକାର ବାଂଲାଦେଶୀ ଅନୁପ୍ରବେଶକରୀଙ୍କୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଉଛନ୍ତି । ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ମମତା ବାଂଲାଦେଶୀ ଏବଂ ରୋହିଙ୍ଗିୟାମାନଙ୍କୁ ନିଜ ରାଜ୍ୟକୁ ଆମନ୍ତ୍ରଣ କରୁଛନ୍ତି, ସେମାନଙ୍କୁ ଥଇଥାନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ପରବର୍ତ୍ତୀ ସମୟରେ ଓଡ଼ିଶାକୁ ଚାଲିଆସୁଛନ୍ତି । ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ଏଠାରେ ଅନୁପ୍ରବେଶକାରୀଙ୍କୁ ଯାଞ୍ଚ କରିବା ଲାଗି କଡ଼ା ବ୍ୟବସ୍ଥା ବା ଆଇନ ନାହିଁ । ତେଣୁ ଓଡ଼ିଶା ଉପକୂଳରେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଛାଇ ଯାଇଛନ୍ତି । କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ଏଭଳି ଅନେକ ବାଂଲାଦେଶୀ ବାସକରୁଛନ୍ତି । ସେମାନେ ସରକାରୀ ଜମି ଜବରଦଖଲ କରି ବାସଗୃହ ନିର୍ମାଣ କରିଛନ୍ତି, ଚାଷବାସ କରି ବେଶ ସ୍ୱଚ୍ଛନ୍ଦରେ ଅଛନ୍ତି । ଅନ୍ୟ ପକ୍ଷରେ ପ୍ରକୃତ ସ୍ଥାନୀୟବାସିନ୍ଦା ସେମାନଙ୍କ ତୁଳନାସିନ୍ଦା ଅଭାବ ଅସୁବିଧାରେ କାଳାତିପାତ କରୁଛନ୍ତି । ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରୁଥିବା କିଛି ରାଜନୈତିକ ଦଳ ସେମାନଙ୍କୁ ସୁରକ୍ଷା ଏବଂ ସମର୍ଥନ ସହ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରୁଥିବାରୁ ଆଜି ଏହି ଅବସ୍ଥା । ଏବେ କିଛି ବାଂଲାଦେଶୀ ଅନୁପ୍ରବେଶକାରୀ ଯୁବକଙ୍କୁ କମିଶନରେଟ ପୋଲିସ ଧରିଛି । ସେମାନେ ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଓଡ଼ିଶା ଆସିଛନ୍ତି । ଏଥିରୁ ଅନୁପ୍ରବେଶ ସମସ୍ୟାର ମୂଳ ଚେର କେଉଁଠି ତାହା ସହଜରେ ଅନୁମେୟ । ଆସାମରେ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ବିଜେପି କ୍ଷମତା ଦଖଲ କରିବା ପରେ ସେଠାରେ ଅନୁପ୍ରବେଶ ସମସ୍ୟା ନିୟନ୍ତ୍ରିତ ହୋଇଛି । ତ୍ରିପୁରାରେ ମଧ୍ୟ ବିଜେପି ସରକାର ଆସିବା ପରେ ସେଠାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ହ୍ରାସ ପାଇଛି । କିନ୍ତୁ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରୁଛନ୍ତି । ଏଥିର ସାରା ଦେଶ ପ୍ରଭାବିତ ହେଉଛି । ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶରୁ ଅନୁପ୍ରବେଶକାରୀ ବା ଅବୈଧ ପ୍ରବାସୀଙ୍କୁ ବିଥାଡ଼ିତ କରିବା ନିମନ୍ତେ ଯୋରଦାର ଅଭିଯାନ ଚଳାଇଛନ୍ତି । ଆମେରିକାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଏଭଳି କରୁଛନ୍ତି । କିନ୍ତୁ ଭାରତରେ କିଛି ରାଜନେତା ଏହାକୁ ନାପସନ୍ଦ କରୁଛନ୍ତି ଏବଂ ମାନବିକତା ଆଳରେ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । ଏହା ଅତୀବ ନିନ୍ଦନୀୟ ଏବଂ ଦେଶ ବିରୋଧୀ କାର୍ଯ୍ୟ । ଏବେ ସମୟ ଆସିଛି ଭାରତ ସରକାର ମଧ୍ୟ ନିଜ ଦେଶରୁ ଅନୁପ୍ରବେଶକରୀ ଏବଂ ଅବୈଧ ପ୍ରବାସୀଙ୍କୁ ନିକାଲିବା ପାଇଁ କଠୋର ପଦକ୍ଷେପ ନିଅନ୍ତୁ । ନଚେତ ଦିନ ଆସିବ ଭାରତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଏତେ ଅଧିକ ହୋଇଯିବ ଯେ, ସେମାନେ ନିଜ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ବା ରାଷ୍ଟ୍ରଗଠନ ପାଇଁ ଦାବି କରିବେ । ହିଂସାକାଣ୍ଡ, ମଣିପୁର ଭଳି ସଂଘର୍ଷ ସୃଷ୍ଟି ହେବ । ଏଥିପାଇଁ ସରକାର ନିନ୍ଦିତ ହେବେ । ବିଦେଶରେ ଭାର ବଦନାମ ହେବ ।

# ଦୁଇଟି ଜାତି, ଗୋଟିଏ ଧର୍ମ

**॥ ପଙ୍କଜ କୁମାର ପାଣିଗ୍ରାହୀ ॥**

*ଜାତିକୁ ଜାତି ମଧରେ ଏବଂ ଦୁଇଟି ଜାତି ମଧରୁ ଉଦ୍ଧୃତ ବିଭିନ୍ନ ପ୍ରଜାତିର କୌଣସି ବିଡମ୍ବନା ମଣିଷ ସମାଜ ପ୍ରତି ଘାତକ ହୋଇପାରେ । ବରଂ ସେଗୁଡିକୁ ବୁଝି, ସମୀକ୍ଷା କରି ସମସ୍ତଙ୍କ ସ୍ଥାନ ନିରୂପଣ କରାଗଲେ ମଣିଷ ସମାଜ ଅତ୍ୟନ୍ତ ସୁରୁଖୁରୁରେ ଚାଲିବ । କେତେକ କେଳେଙ୍କାରୀ ସ୍ୱାର୍ଥବାଦୀ ଅଜ୍ଞାନ ଚତୁରଙ୍କ ପ୍ରହେଳିକାକୁ ଉତ୍ତମ ରୂପେ ସମୀକ୍ଷା କରି ସମାଜରେ ସୃଷ୍ଟି କରାଯାଉଥିବା ଜାତି ଧର୍ମ ପ୍ରଥାର ବିଲୋପ ନହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ ।*

ଜାତି ପ୍ରଥା କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱରେ ରହିଛି । କାରଣ ମନୁଷ୍ୟ ଉତ୍ପତ୍ତି ପରେ ବିଭିନ୍ନ ଜିନ୍‌ଯୁକ୍ତ ପ୍ରାକୃତିକ ଗୁଣ, ଧର୍ମ ଧାରୀ ମଣିଷ ଜନ୍ମ ହେଲେ ଯାହାଙ୍କ ମାନସିକତାରେ ବିଭିନ୍ନତା ଦେଖାଗଲା । ସେହି ବିଭିନ୍ନତା ମଧରେ ଅନେକ ଅସାମସ୍ୟ ବିଚାରଧାରା, କାର୍ଯ୍ୟ କରିବା ପ୍ରଣାଳି ତଥା ଜୀବନ ବଂଚିବା ଶୈଳୀ ଗୁଡିକରେ ମଧ ଅନେକ ତାରତମ୍ୟ ଦେଖାଗଲା । ତେଣୁ କୌଣସି ଗୋଟିଏ ଗୋଷ୍ଠୀର ଗୁଣଧର୍ମ ଧାରୀଙ୍କୁ ନେଇ ସମାଜରେ ଅନେକ ପ୍ରଜାତିର ମଣିଷଙ୍କ ଆବିର୍ଭାବ ହେବାକୁ ଲାଗିଲା । ସେମାନେ ନିଜ ନିଜ ସାମର୍ଥ୍ୟ ତଥା ବିଚାରଧାରାକୁ ନେଇ କର୍ମ କ୍ଷେତ୍ର ପ୍ରସ୍ତୁତ ପୂର୍ବକ ଜୀବନ ଅତିବାହିତ କରିବାକୁ ଲାଗିଲେ । ସେଇଥିରୁ ଗୋଟିଏ ଗୋଷ୍ଠୀ ମଧରେ ବିଭିନ୍ନ ପ୍ରଜାତିର ମଣିଷଙ୍କ ଆବିର୍ଭାବ ହେତୁ ସେମାନଙ୍କ କାର୍ଯ୍ୟଧାରା ତଥା ଜୀବନ ଶୈଳୀକୁ ନେଇ ସୃଷ୍ଟି ହେଲା ଜାତି ପ୍ରଥା ଯାହା ଭିନ୍ନ ଭିନ୍ନ ପ୍ରଜାତିର ଗୋଷ୍ଠୀ ସୃଷ୍ଟି କରିବାରେ ସହଯୋଗ ହେଲା । ତେଣୁ ବିଭିନ୍ନ ଗୋଷ୍ଠୀର ପ୍ରଜାତିଙ୍କୁ ନେଇ ସୃଷ୍ଟି ହେଲା ସାମାଜିକ ଜାତି ପ୍ରଥା ।

ଇତି ମଧରେ କେତେକ ଅଜ୍ଞାନ ଚତୁର ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ଅନେକ ଅସାମସ୍ୟ, ଅକାରଣ ଜନିତ ବିଷୟ ତଥା ସମାଜରେ ଭୟାବହତା ସୃଷ୍ଟି କରି ନିର୍ବୋଧଙ୍କୁ ଲୁଟିବାକୁ ପ୍ରୟାସ କଲେ ତଥା ସେମାନଙ୍କୁ ନିଜ ବଶବର୍ତ୍ତୀ କରି ରଖି ପ୍ରତାରିତ କରିବାକୁ ଲାଗିଲେ । ସେଇଠି ଜାତିପ୍ରଥା ତଥା ଉଚ୍ଚ ନୀଚ ଭେଦଭାବ ସୃଷ୍ଟି ହୋଇ ଅଦ୍ୟାବଧି ତାହା ଆମ ସମାଜରେ ପ୍ରଚଳିତ ରହିଥିବା ଦେଖିବାକୁ ମିଳୁଛି । ବାସ୍ତବିକ ଏହିସବୁ ମନୁଷ୍ୟକୃତ ଜାତିପ୍ରଥାର କୌଣସି ପ୍ରାକୃତିକ ନିୟମ ନାହିଁ କେବଳ ଭିନ୍ନ ଭିନ୍ନ ଗୋଷ୍ଠୀର ଜିନ୍‌ଗତ ଗୁଣ ଧର୍ମ ବ୍ୟତୀତ । ଯାହା ହେଉ ବାସ୍ତବିକ ପ୍ରାକୃତିକ ନିୟମ ଦେଖିଲେ କେବଳ ଦୁଇଟି ଜାତି ଏବଂ ଗୋଟିଏ ଧର୍ମ ଦେଖିବାକୁ ମିଳିବ ମଣିଷ ତଥା ଅନ୍ୟାନ୍ୟ ଜୀବଜଗତରେ ଯାହାର କୌଣସି ସାମାଜିକ ସଚେତନତା ଅଦ୍ୟାବଧି ନାହିଁ ଆମ ସମାଜରେ । ସେଗୁଡିକ କ'ଣ ଏବଂ ତାହାର ମହତ୍ୱ କ'ଣ ବିଚାର କରିବା.....

ପ୍ରାକୃତିକ ଭାବେ ଦୁଇଟି ଜାତି ତଥା ଗୋଟିଏ ପୁରୁଷ ଏବଂ ଅନ୍ୟଟି ନାରୀ ଭାବେ ସୃଷ୍ଟି ହୋଇଛନ୍ତି ସବୁ ଜୀବଜଗତରେ । ଶାରୀରିକ ଗଠନ ପ୍ରଣାଳୀ ତଥା ପ୍ରବାହିତ ଗୁଣଧର୍ମ, ଆଚରଣକୁ ନେଇ ପରିଚାଳିତ ସେମାନଙ୍କ ଜୀବନ ଶୈଳୀ ଯାହା ସମ୍ପୂର୍ଣ୍ଣ ଭାବେ ପ୍ରକୃତିଦତ୍ତ ବିବର୍ତ୍ତନ ଜନିତ । ସେମାନଙ୍କ ଗୁଣସୂତ୍ରକୁ ନେଇ ପ୍ରବାହିତ ଭିନ୍ନ ଭିନ୍ନ ଚରିତ୍ର ଯୁକ୍ତ ଗୋଷ୍ଟବନ୍ଧ ମଣିଷ ଦେଖିବାକୁ ମିଳନ୍ତି ଏହି ଦୁଇ ଜାତି ମଧରେ ଯାହାକୁ ଆମେ ବିଭିନ୍ନ ପ୍ରଜାତିରେ ଭାଗ କରି ପାରିବା । ମଣିଷ ସମାଜରେ କେବଳ ମାନବିକ ଧର୍ମ ଏକକ ଧର୍ମ ଭାବେ ପ୍ରକୃତି ଦତ୍ତ ଯାହା ସମସ୍ତ ବର୍ଗର ମଣିଷ ପ୍ରବାହ କରିବା ବିଧେୟ । କିନ୍ତୁ ବିଭିନ୍ନ ସାମାଜିକ ବିଭୀଷିକା କାରଣରୁ ମଣିଷ ସେହି ଏକକ ମାନବ ଧର୍ମକୁ ଆଜି ପର୍ଯ୍ୟନ୍ତ ବୁଝିନପାରି ସମାଜରେ ସୃଷ୍ଟି ହୋଇଛି ବିଭିନ୍ନ ଧର୍ମ ଯାହା ସବୁ ଅଯୌକ୍ତିକ, ମୂଲ୍ୟହୀନ । ଏହି ଦୁଇଟି ଜାତି ମଧରେ ସମନ୍ୱୟ ରକ୍ଷାକରି ବଂଶବିସ୍ତାର ଉଦେଶ୍ୟ ରଚ୍ଛିଖି ପ୍ରକୃତି ।

ତେଣୁ ଦୁଇଟି ଜାତି ମଧରେ ଯେଉଁ ସମ୍ପର୍କ ସ୍ଥାପନ ହୁଏ ତାହାର ଅନେକ ମାନସିକ, ଶାରୀରିକ, ରାସାୟନିକ ପ୍ରତିକ୍ରିୟାର ପ୍ରାବଧାନ ରହିଛି ଯାହା ସବୁ ପ୍ରକୃତିଦତ୍ତ / ପ୍ରାକୃତିକ । ସେହି ପ୍ରାକୃତିକ ପ୍ରତିକ୍ରୟା ଜନିତ ବଂଶ ବିସ୍ତାର ହୁଏ ପିଢ଼ି କୁ ପିଢ଼ି । କିନ୍ତୁ ଗୋଟିଏ ଜାତି ତଥା ପୁରୁଷ କିମ୍ବା ସ୍ତ୍ରୀ ମାନଙ୍କ ମଧରେ ଭିନ୍ନତା କି ଏହି ଜାତିର ପ୍ରଜାତି ବୋଲି କୁହାଯାଇ ପାରିବ ସେମାନଙ୍କ ପ୍ରବାହିତ ଗୁଣ, ଧର୍ମ, ଚରିତ୍ରକୁ ନେଇ । ସେହି ପ୍ରବାହିତ ଗୁଣ, ଧର୍ମ, ଚରିତ୍ର ଗୁଡିକର ପରିଚୟ ଜନିତ ନାମ କାରଣକୁ ସାମାଜିକ ଜାତି ପ୍ରଥା ବୋଲି କୁହାଯାଉ ଅଛି । ଏବଂ ସେହି ପ୍ରବାହିତ ଗୁଣ, ଧର୍ମ, ଚରିତ୍ର ଗୁଡିକ ସମ୍ପୂର୍ଣ୍ଣ ପ୍ରାକୃତିକ ବିବର୍ତ୍ତନ ଜନିତ ଜିନ୍ ଗତ ହୋଇଥିବା ବେଳେ ମନୁଷ୍ୟ କୃତ ସାମାଜିକ ଗ୍ରହଣୀୟତା କିମ୍ବା ପରିବର୍ତ୍ତନର ଅଭିଳାଷ କୌଣସି ମତେ ତାକୁ ପରିବର୍ତ୍ତନ କରିପାରିବ ନାହିଁ, ବରଂ ସମୟ ସାପେକ୍ଷ ଅସାମସ୍ୟ ସାମାଜିକ ବିଭୀଷିକା ସୃଷ୍ଟି କରି ସମାଜର ଅମଙ୍ଗଳ, ଅନୁନ୍ନତି ହେବା ଛଡା କୌଣସି ଭାବେ ଭଲ ହୋଇପାରିବ ନାହିଁ !

ଅତଏବ ଏହି ଦୁଇଟି ଜାତିର ମଣିଷ ଏବଂ ମଣିଷ ଭାବେ ପ୍ରବାହ ଯୋଗ୍ୟ ଏକକ ମାନବ ଧର୍ମକୁ ଅନୁସରଣ କରି ନିଜସ୍ୱ ପ୍ରକୃତିଦତ୍ତ ଗୁଣ, ଧର୍ମ, ଚରିତ୍ର ହେତୁ ମନରେ ସୃଷ୍ଟି ହେଉଥିବା ଆବେଗକୁ ସମ୍ମାନ ପୂର୍ବକ ନିଜ ନିଜ ଜୀବନ ଶୈଳୀ ତଥା ସାମାଜିକ କ୍ଷେତ୍ରରେ ନିଜକୁ ପରିଚାଳିତ କରିବା ଲକ୍ଷ ରଖିଲେ ମଣିଷ ସମାଜର ଉନ୍ନତି ହୋଇ ପାରିବ । ଅନ୍ୟଥା କୁହେଳିକା ତଥା ଅଜ୍ଞାନ ଚତୁରଙ୍କ ଷଡ଼ଯାନ୍ତ୍ରୀକ ପ୍ରବଚନ କିମ୍ବା ପ୍ରହେଳିକାରେ ନିଜକୁ ସାମିଲ କରି ପ୍ରତାରିତ ହେବା ବ୍ୟତୀତ କୌଣସି ଭଲ ହେବା ସମ୍ଭାବନା ନାହିଁ । ଯେଉଁ ପ୍ରଜାତି ଗୁଡିକ ସମାଜରେ ଦେଖିବାକୁ ମିଳୁଛନ୍ତି ସେମାନେ ସମସ୍ତେ ନିର୍ଦ୍ଧାରିତ ପ୍ରାକୃତିକ ବିବର୍ତ୍ତନ ଜନିତ ସୃଷ୍ଟି । ସେମାନଙ୍କ ପ୍ରବାହିତ ଗୁଣ, ଧର୍ମ, ଚରିତ୍ର ଗୁଡିକ ପରିବର୍ତ୍ତନ ସମ୍ଭବ ନୁହେଁ । ସେଥି ମଧରେ କେତେକ ମାନବିକ ଧର୍ମକୁ ଯୋଡ଼ିଦେଇ ଆମେ ଉତ୍ତମ ଜୀବନ ଯାପନ କରିବାରେ କେବଳ ସମର୍ଥ ହୋଇପାରିବା । ଏତଦ୍ ବ୍ୟତୀତ ଅନ୍ୟ କୌଣସି ବାସ୍ତବ, ସତ୍ୟ ନାହିଁ ଯାହା ସବୁ ଅଜ୍ଞାନ ଚତୁର ପ୍ରହେଳିକା ମାଧ୍ୟମରେ ସମାଜରେ ବିତରଣ କରି ନିଜସ୍ୱ ସ୍ୱାର୍ଥ ହାସଲ କରୁଛନ୍ତି ସେଗୁଡିକ ବର୍ଜନୀୟ ନିଶ୍ଚୟ ।

ଜାତିକୁ ଜାତି ମଧରେ ଏବଂ ଦୁଇଟି ଜାତି ମଧରୁ ଉଦ୍ଧୃତ ବିଭିନ୍ନ ପ୍ରଜାତିର କୌଣସି ବିଡମ୍ବନା ମଣିଷ ସମାଜ ପ୍ରତି ଘାତକ ହୋଇପାରେ । ବରଂ ସେଗୁଡିକୁ ବୁଝି, ସମୀକ୍ଷା କରି ସମସ୍ତଙ୍କ ସ୍ଥାନ ନିରୂପଣ କରାଗଲେ ମଣିଷ ସମାଜ ଅତ୍ୟନ୍ତ ସୁରୁଖୁରୁରେ ଚାଲିବ । କେତେକ କେଳେଙ୍କାରୀ ସ୍ୱାର୍ଥବାଦୀ ଅଜ୍ଞାନ ଚତୁରଙ୍କ ପ୍ରହେଳିକାକୁ ଉତ୍ତମ ରୂପେ ସମୀକ୍ଷା କରି ସମାଜରେ ସୃଷ୍ଟି କରାଯାଉଥିବା ଜାତି ଧର୍ମ ପ୍ରଥାର ବିଲୋପ ନହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ଏକକ ମାନବ ଧର୍ମର ସଜ୍ଞା ବୁଝିନଥିବା ଅଜ୍ଞାନଙ୍କ କୁହେଳିକାକୁ ଉପସ୍ଥିତ ସମୟର ଚତୁର ବ୍ୟବହାର କରି ସ୍ୱାର୍ଥ ହାସଲ କରି ସମାଜରେ ଉଚ୍ଚ ସ୍ଥାନିତ ହେଉଥିବା ବେଳେ ସାଧାରଣ ନିର୍ବୋଧ ସେମାନଙ୍କ ପଥଭ୍ରଷ୍ଟ ପ୍ରଚାର, ପ୍ରସାରକୁ ବର୍ଜନ କରିବା ନିତ୍ୟାନ୍ତ ଆବଶ୍ୟକ । ମାନବ ଧର୍ମକୁ ବୁଝିବା ଏବଂ ମାନବିକ ଧର୍ମରେ ସମସ୍ତେ ନିଜକୁ ସଂସ୍ଥାପିତ କଲେ ଯେ ବିଶ୍ୱ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ସେଇଥିରେ କୌଣସି ଅସମ୍ଭବ ନାହିଁ । କିନ୍ତୁ ତାହା କରିବାକୁ ହେଲେ ପ୍ରଥମେ ଚତୁରଙ୍କ ଷଡ଼ଯନ୍ତ୍ରକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ଜ୍ଞାନ ଅର୍ଜନ ପୂର୍ବକ ପ୍ରକୃତ ଜ୍ଞାନୀଙ୍କୁ ସାମାଜିକ ଉଚ୍ଚସ୍ଥାନିତ କରାଯିବା ନିତାନ୍ତ ଆବଶ୍ୟକ । ଏବଂ ସମାଜରେ ଜାତି ଧର୍ମର ଉପଯୁକ୍ତ ଜ୍ଞାନ ବଣ୍ଟନ ପୂର୍ବକ ମଣିଷ ସମାଜକୁ ଶୁଦ୍ଧ କରାଯାଇ ପାରିବ ଯାହା କାହାର ଅନ୍ତର୍ଭାବ ହେଉନଥିବା ଆଜି ସମୟର ଅତ୍ୟନ୍ତ ଦୁଖଦଃ ବିଷୟର ଅନ୍ତ କେବେ..... ? !


ଛତ୍ରପୁର, ଗାମ -୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭


# କୁନି ଓଠରେ କଥା ନାହିଁ

**॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥**

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ- ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି ।

ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।


ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦


# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚାର

**॥ ସୌମେନ୍ଦ୍ର ଜେନା ॥**

କେସିସି ଏବଂ କେଆର୍‌ଏଫ୍‌ସି କାନାଡାରୁ ଅର୍ଥ ସଂଗ୍ରହ କରି ପାକ୍‌ର ରିଲିଫ୍ ଅର୍ଗାନାଇଜେସନ ଫର୍ କାଶ୍ମୀର ମୁସଲିମ୍ (ଆରଓକେଏମ୍)କୁ ପ୍ରାୟ ୨୮୧,୯୯୬ ଡଲାର ଅର୍ଥ ଯୋଗାଇଥିଲେ । କାନାଡା ରେଭିନ୍ୟୁ ଏଜେନ୍ସୀର ଅନୁସନ୍ଧାନରୁ ଜଣାପଡିଲା ଯେ ଆର୍‌ଓକେମ୍ ପ୍ରକୃତରେ ଜିମାତେ ଇସଲାମୀର ସଂସ୍ଥା ଯାହାର ଉଗ୍ରବାଦୀ ସଂଗଠନ ହେଉଛି ହିଜବୁଲ ମୁଜାହିଦ୍ଦୀନ । ହିଜବୁଲ ମୁଜାହିଦ୍ଦୀନର ସନ୍ତ୍ରାସବାଦୀ କାର୍ଯ୍ୟ ପାଇଁ ଏହି ସଂଗଠନ ଉପରେ ପୃଥିବୀର ଅନେକ ରାଷ୍ଟ୍ରରେ ନିଷେଧାଦେଶ ରହିଛି । ରିଲିଫ୍ ଅର୍ଗାନାଇଜେସନ ଫର୍ କାଶ୍ମୀର ମୁସଲିମ ସଂଗଠନ କାନାଡାରୁ ଯେଉଁ ଅର୍ଥ ପାକିସ୍ତାନର ଜମାତେ ଇସଲାମୀକୁ ଦେଇଥିଲା ତାହା ନିଶ୍ଚିତ ରୂପେ ହିଜବୁଲ ମୁଜାହିଦ୍ଦୀନର କାର୍ଯ୍ୟରେ ବିନିଯୋଗ ହୋଇଥିବା ନେଇ ଅନୁସନ୍ଧାନକାରୀ ଏଜେନ୍ସୀ ନିଶ୍ଚିତ ହୋଇଥିଲେ । ଜଷ୍ଟିସ ଫର୍ ଅଲ୍ ସଂଗଠନ ଆମେରିକାରେ ରହି କିପରି ପାକ୍ ସରକାର ଏବଂ ଆଇଏସ୍‌ଆଇ ସହ ସଂପର୍କ ରଖି କାର୍ଯ୍ୟ କରିଥାଏ ତାହା ଦେଖାଯାଉ । ୧୯୯୯ରେ ଜେଏଫ୍‌ଏ ୱେବସାଇଟରେ କାଶ୍ମୀର ଇନ୍‌ଫରମେସନ ନେଟୱାର୍କ (କେଆଇଏନ୍) ନାମଥିବା ଦେଖାଯାଇଥିଲା । ତାକୁ କ୍ଲିକ୍ କଲେ ତାହା ପାକ୍ ସରକାରଙ୍କ ୱେବସାଇଟ୍ ପାକ୍ ଗଭନେଟ୍‌ରେ ପହଞ୍ଚାଇ ଦେଉଥିଲା । ଯେଉଁଠି ପାକ୍ ସରକାରଙ୍କ ସୂଚନା ବିଭାଗ ପକ୍ଷରୁ ପ୍ରଦତ୍ତ ବିଷୟସବୁ କାଶ୍ମୀର ଇନଫରମେସନ ନେଟୱାର୍କରେ ପଡୁଥିଲା । ଯେଉଁ ବର୍ଷ ଜେଏଫ୍‌ଏ ଜନ୍ମ ନେଇଥିଲା ସେହିବର୍ଷ ୨୬ ଜାନୁଆରୀ ୧୯୯୯ରେ କାଶ୍ମୀର ଇନଫରମେସନ ନେଟୱାର୍କ କାର୍ଯ୍ୟାରମ୍ଭ କରିଥିଲା ।

କେବଳ ସେତିକି ନୁହେଁ, ଜେଏଫ୍‌ଏର ୧୯୯୯ରେ ଖୋଲାଯାଇଥିବା ୱେବସାଇଟରୁ ପାକ୍ ସରକାରଙ୍କ ସହ ସଂପର୍କ ରହିଥିବା ଅନେକ ପ୍ରମାଣ ରହିଛି । ଯେମିତି ଏହାର କାଶ୍ମୀର ବୁକ୍ସ ଅନ୍‌ଲାଇନରେ ଦୁଇଟି ପୁସ୍ତକ ରହିଥିଲା । ଦୁଇଟିଯାକ ପୁସ୍ତକରେ କ୍ଲିକ୍ କଲେ ତାହା ପାକ୍-ଗଭ୍-ପିଓକେରେ ପହଞ୍ଚାଇ ଦେଉଥିଲା , ଯାହା ପାକ୍ ସରକାରଙ୍କର ନିଜସ୍ୱ ୱେବସାଇଟ ଥିଲା, ଏହାକୁ ପାକ୍ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସାଇବର ଶାଖା ପରିଚାଳନା କରୁଥିଲା । "ଏ ସର୍ଟ ବିବିଲିଓଗ୍ରାଫି ଅନ୍ କାଶ୍ମୀର" ବହି ଏଥିରେ ରହିଥିଲା, ଯାହା ଉପରେ କ୍ଲିକ୍ କଲେ ତାହା ପାକ୍ ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ପୁସ୍ତକାବଳୀ ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପଲିସି ଷ୍ଟଡିଜ୍ (ଆଇପିଏ) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରେଜିଓନାଲ ଷ୍ଟଡିଜ୍, (ଇସଲାମାବାଦ) ନିକଟରେ ପହଞ୍ଚାଇ ଦେଉଥିଲା ।

ଜଷ୍ଟିସ ଫର୍ ଅଲ୍ ପକ୍ଷରୁ ଚାଲିଥିବା ୨୦୦୦ପର ୱେବସାଇଟରେ ଇସଲାମାବାଦର ପଲିସୀ ଷ୍ଟଡିଜର ଅନେକ ଲେଖା ରହିଥିଲା । ୱେବସାଇଟର ସୂଚନା ଅନୁଯାୟୀ ଏହି ସଂସ୍ଥା (ଆଇପିଏସ୍) ଏକ ସ୍ୱୟଂସେବୀ ସଂଗଠନ ଭାବେ ୧୯୭୯ରେ ପାକିସ୍ତାନର ସିନେଟର ଖୁର୍ସିଦ ଅହମଦଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ସେ ଏହାର ଅଧକ୍ଷ ଏବଂ ମୁଖ୍ୟ ପୃଷ୍ଠପୋଷକ ରହିଆସିଛନ୍ତି । ଖୁର୍ସିଦ ଅହମଦ ତାଙ୍କ ଜୀବନ କାଳର ଅଧା ସମୟ ପାକ୍‌ରେ ବିତାଇଥିଲା ବେଳେ ୧୯୭୯ରେ ଏହି ସଂସ୍ଥା ଆରମ୍ଭ କରିଥିଲେ । ଶିକ୍ଷା ଶେଷ ହେବା ପରେ ସେ ୧୯୪୯ରେ ଜମିଆତ୍ -ଇ-ତଲାବରେ ଯୋଗଦାନ କରି ପରେ ୧୯୫୩ରୁ ୧୯୫୫ ଯାଏଁ ଏହାର ରାଷ୍ଟ୍ରୀୟ ଅଧକ୍ଷ ହୋଇଥିଲେ । ପରେ ସେ ଜମାତେ ଇସଲାମୀରେ ଯୋଗଦେଇ ଉପାଧକ୍ଷ ଏବଂ ବିଦେଶରେ ଜମାତର ପ୍ରବକ୍ତା ହୋଇଥିଲେ । ୧୯୬୬ରେ ସେ ଜଣେ ଗବେଷକ ଭାବେ ଇଂଲଣ୍ଡର ୟୁନିଭରସିଟୀ ଅଫ୍ ଲିସେଷ୍ଟରକୁ ଯାଇ ୧୯୬୮ରେ ଦି ଇସଲାମିକ ଫାଉଣ୍ଡେସନ ଗଠନ କଲେ । ତାଙ୍କର ସେହି କାର୍ଯ୍ୟରେ ବଙ୍ଗଳାଦେଶରେ ଯୁଦ୍ଧ ଅପରାଧୀ ଘୋଷିତ ଖୁର୍ରମ ମୁରାଦ ସହଯୋଗୀ ଥିଲା । ଇସଲାମିକ ଫାଉଣ୍ଡେସନ ଜମାତେ ଇସଲାମୀର ବ୍ରିଟେନସ୍ଥିତ ଥିଙ୍କଟ୍ୟାଙ୍କ୍ ଭାବେ ପରିଚିତ ।

୨୦୧୬ରେ ପାକ୍ ସିନେଟର ଏକ ରିପୋର୍ଟକୁ ଆଇପିଆର୍‌ଆଇ ଏବଂ ଇସଲାମାବାଦ ପଲିସୀ ଷ୍ଟଡିଜ୍ ମିଶି ପ୍ରସ୍ତୁତ କରିଥିଲେ, ଯେଉଁଥିରେ ଭାରତର ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ଦଳିତ ଓ ମାଓବାଦୀ ସନ୍ତ୍ରାସବାଦରୁ ପାକିସ୍ତାନ କିପରି ଲାଭ ଉଠାଇପାରିବ ସେ ବିଷୟରେ ଉଲ୍ଲେଖ ରହିଥିଲା । ଭାରତରେ ମୋଦୀ ସରକାରଙ୍କୁ ବିରୋଧ କରାଯିବା ଲାଗି କିପରି ବିରୋଧୀ ଦଳ, ଗଣମାଧ୍ୟମ, ସିଭିଲ ସୋସାଇଟୀ ସଂଗଠନ, ମାନବାଧିକାର ଗୋଷ୍ଠୀଗୁଡିକୁ କାର୍ଯ୍ୟରେ ଲଗାଯାଇପାରିବ ଏବଂ ଜାମ୍ମୁ-କାଶ୍ମୀର ବିଷୟକୁ ବିଦେଶୀ ମିଡିଆ ତଥା ସୋସିଆଲ ମିଡିଆରେ ଉପଯୋଗ କରାଯାଇପାରିବ, ସେ ବିଷୟରେ ଉଲ୍ଲେଖ ରହିଥିଲା । ଏଥିରୁ ଏକ ଇକୋସିଷ୍ଟମକୁ ଧରି କିପରି ପାକ୍ ଏବଂ ଜମାତ ଗୋଷ୍ଠୀ ସମଗ୍ର ବିଶ୍ୱରେ ଭାରତ ବିରୋଧୀ ଚଳାଇଛନ୍ତି ଏସବୁ ତାର ସ୍ପଷ୍ଟ ପ୍ରମାଣ ।


ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩



ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






୬୧୧।

# ଦେବଗଡ଼ ଆବାସିକ ବିଦ୍ୟାଳୟରେ ମାର୍ଗଦର୍ଶନ ଓ ପରାମର୍ଶ କାର୍ଯ୍ୟକ୍ରମ

ଦେବଗଡ଼ (ମହାଭାରତ): ମଙ୍ଗଳବାର ଦେବଗଡ଼ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ଦେବଗଡ଼ ବିଜୟ କୁମାର ଉପାଧ୍ୟାୟ ଙ୍କ ଅଧ୍ୟକ୍ଷତା ରେ ଗତ ମଙ୍ଗଳବାର ଦିନ ଦେବଗଡ଼ ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ବୃତ୍ତି ମାର୍ଗଦର୍ଶନ ଓ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ର ଓଡ଼ିଆ ଅଧ୍ୟାପକ ଶ୍ରୀ ମନୋରଞ୍ଜନ ବାରିକ୍ ଅତିଥି ଙ୍କୁ ସ୍ୱାଗତ ଅଭିଭାଷଣ ରଖି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦଶମ ଶ୍ରେଣୀ ର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ନିମନ୍ତ୍ରିତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଠାରୁ ବିଭିନ୍ନ କ୍ଷେତ୍ର ରେ ଥିବା ଉଚ୍ଚ ଶିକ୍ଷା ତଥା ଚାକିରି ସମ୍ଭାବନା ବିଷୟରେ ବିଭିନ୍ନ ପ୍ରଶ୍ନ କରି ନିଜର ସନ୍ଦେହ ଦୂର କରିଥିଲେ। କାର୍ଯ୍ୟକ୍ରମ ରେ ପ୍ରକଳ୍ପ ପ୍ରଶାସିକା (ଆଇ ଟି ଡି ଏ) ସଂଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ଶିକ୍ଷ ବିଭାଗର ଅଧିକାରୀ ରମେଶ ପଟେଲ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଆର୍ ଏବଂ ବି) ପ୍ରବୋଧ କୁମାର ସାହୁ, ଜିଲ୍ଲା ମତ୍ସ୍ୟସମ୍ପଦ ଅଧିକାରୀ କୁଟିଳ ଚନ୍ଦ୍ର ଦାସ, ମେଡିକାଲ୍ ଅଧିକାରୀ ଡ଼. ସୁସ୍ମିତା ରଥ, ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ଡ଼. ସୁଭାଶିଷ ରାୟ, ଡି ପି ସି-ଡି ପି ଏମ, ମିଶନ ଶକ୍ତି ଶିଶିର କୁମାର ଷଡଙ୍ଗୀ ପଲିଟେକନିକ୍ ମହାବିଦ୍ୟାଳୟ ଦେବଗଡ଼ ରୁ ମୀନକେତନ ମାଝୀ, ସୁବୋଧ କାନ୍ତ ବାରିକ୍ ତଥା ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ ପ୍ରମୁଖ ଯୋଗ ଦେଇ ଭବିଷ୍ୟତରେ କିଭଳି ମେଡିକାଲ୍, ଇଞ୍ଜିନିୟରିଂ, ପ୍ରାଣୀ ବିଭାଗ, ଉଦ୍ୟାନ ବିଭାଗ, କୃଷି, ମତ୍ସ୍ୟ ବିଭାଗ, ବିଜ୍ଞାନ, ବାଣିଜ୍ୟ, କଳା ତଥା ବୈଷୟିକ ଶିକ୍ଷା ଦିଗରେ ଥିବା ସୁଯୋଗ, ଆବଶ୍ୟକୀୟ ପରୀକ୍ଷା, ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ଯୋଗ୍ୟତା ମାନଦଣ୍ଡ ତଥା ଚାକିରି ସମ୍ଭାବନା ବିଷୟରେ ପିଲାମାନଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଡୋମେନ ଏକ୍କା ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଉଦଯାପନ କରିଥିଲେ।

# ଏବେବି ବଞ୍ଚି ରହିଛି ତାଳପତ୍ର ବିଞ୍ଚଣାର ଚାହିଦା



ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ହେଲାଣି ଖରାକୁ ଆଖି ଆଗରେ ରଖି ଲୋକେ ତରଭୁଜ, ଆଖୁରସ ,ସହ ଲେମ୍ବୁ ସର୍ବତ, ଲସି ପ୍ରଭୃତି ତୃଷା ନିବାରଣ ସକାଶେ ବ୍ୟବହାର କରୁଛନ୍ତି ସେହିପରି ବର୍ତ୍ତମାନ୍ ଏହି ଦିନରେ ଗରମ ରୁ ରକ୍ଷା ପାଇବା ପାଇଁ ଲୋକେ ପଙ୍ଖା, ଏସି କୁଲର ବହୁଳ ବ୍ୟବହାର କରୁଛନ୍ତି। ଆଧୁନିକ ଯୁଗରେ ହଜି ଯାଉ ଥିବା ମଣିଷଟି ବର୍ତ୍ତମାନ୍ ମଧ ତାଳପତ୍ର ବିଞ୍ଚଣା ଚାହିଦା ରହିଛି। କରେଣ୍ଟ ଚାଲି ଗଲେ ଗରମରୁ ରକ୍ଷା ପାଇବା ପାଇଁ ଖୋଜା ପଡେ ବିଞ୍ଚଣା ଟିଏ। ଗରମ ସମୟରେ ତାଳପତ୍ର ବି□ଣାଟିଏ ଆବଶ୍ୟକତା ପୂରଣ କରିଥାଏ। ପ୍ରାକୃତିକ ପବନ ଟିକେ ଅନୁଭବ କରିବା ସକାଶେ ମଣିଷ ଟି କରେ□ ଗଲା ପରେ ଝାଳ ଓ ଗରମରେ ସିଝୁ ଥିବା ବ୍ୟକ୍ତି ଟି ସେହି ସମୟରେ ଟିକେ ପ୍ରୟକୃତିକ ପବନ ବାଜିଲେ ଆରମ ଅନୁଭବ କରେ ସେହି ପରି ତାଳପତ୍ରର ବିଁଛଣାଟିକୁ ଖୋଜା ପଡେ ଧନୀ ହେଉ କମ୍ବା ଗରିବ କିଛି ସମୟ ଗରମରୁ ରକ୍ଷା ପାଇବା ସକାଶେ ବିଞ୍ଚିଲେ ଯେଉଁ ଆରମ ଲାଗେ ଜଣେ ଅନୁଭବି ହିଁ କହି ପାରିବ ତାର ସିତିଳତା ପବନ ଆରାମ ଲାଗେ କିଛି କ୍ଷଣିକ ସକାଶେ ବର୍ତ୍ତମାନ ପୂଜା ପରବ ହେଉ କିମ୍ବା ଦାନ ଧର୍ମରେ ତାଳପତ୍ର ବିଞ୍ଚଣାର ବହୁଳ ଆବଶ୍ୟକତା ପଡେ।ଲୋକେ ଏବେବି ଖୋଜୁଛନ୍ତି ତାଳପତ୍ର ବିଞ୍ଚଣା। କିନ୍ତୁ ବର୍ତ୍ତମାନ୍ ଏହା ଆନ୍ଧ୍ରପ୍ରଦେଶରୁ ବିକ୍ରି ବଟା ସକାଶେ ସହରକୁ ଆସୁଛି। ଲୋକେ ଦେଖି ଖୁସି ପ୍ରକଟ କରିଛନ୍ତି।

# ମା ଖମ୍ବେଶ୍ୱରୀ ଙ୍କ ଚୈତ୍ର ମାସ ପ୍ରଥମ ପାଳି ପୂଜା ଅନୁଷ୍ଠିତ ହଜାର ହଜାର ଭକ୍ତଙ୍କ ସମାଗମ



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ର ଅନ୍ୟ□ମ ଶକ୍ତି ପୀଠ ତଥା ଆସିକା ଅଧିଷ୍ଠାତ୍ରୀ ଦେବୀ ମାଁ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଚୈତ୍ର ପର୍ବର ପ୍ରଥମ ପାଳି ମଙ୍ଗଳବାର ରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛି।ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଏହି ପୀଠକୁ ଆସି ନିଜ ପିଲାଙ୍କ ପ୍ରଥମ ଚୁଟିକୁ ମୁଣ୍ଡନ କରିବା ବିଧି ଓ ପରମ୍ପରା କେଉଁ ଆବାହମାନ କାଳରୁ ଏହି ପ୍ରଥା ଚଳି ଆସିଥିବାରୁ ଆଜି ସହଶ୍ରାଧିକ ପିଲାଙ୍କ ମୁଣ୍ଡନ ହୋଇଛି। ସକାଳୁ ମାଆ ଙ୍କ ଦୁଆରଫିଟା ନୀତି ପରେ ମଜଣା,ସକାଳ ଧୂପ,ମଇଲମ ବେଶ, ବାଳଭୋଗ ପରେ ମା ଭକ୍ତଙ୍କୁ ଦର୍ଶନ ଦେଇଥିଲେ ଅପରାହ୍ନ ୧୨ଘ□ ସମୟରେ ଅଭ ଭୋଗ ପରେ ପହଡ଼ ପରେ ସନ୍ଧ୍ୟା ୪ଘଣ୍ଟା ରେ ଦୁଆର ଫିଟା ଯାଇଥିଲା ସନ୍ଧ୍ୟା ଆଳତୀ ପରେ ରାତି ଭୋଗ ପରେ ମାଆ ନଗର ପରିକ୍ରମା କରିଥିଲେ ଆଜି ମାଆ ଙ୍କ ଠାରେ ପଣା ଭୋଗ କରାଯାଇଥିଲା । ପୀଠରେ ପ୍ରବଳ ଭକ୍ତଙ୍କ ସମାଗମ କୁ ଦୃଷ୍ଟି ରେ ରଖି ପ୍ରଶାସନ ଓ ମନ୍ଦିର କମିଟି ମଧ୍ୟରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଇଷ୍ଟଦେବୀ ମା ଖମ୍ବେଶ୍ୱରୀ ଙ୍କ ମହିମା ତଥା ଯଶ ଓ ଖ୍ୟାତି ଏବଂ ଅପାର କରୁଣା ରହି ଥିବାରୁ ଭକ୍ତମାନେ ପୀଠକୁ ଦୌଡ଼ି ଆସନ୍ତି ।ପିଲାଙ୍କ ପ୍ରଥମ ଚୁଟି ଏହି ପିଠରେ ପକାଇଲେ ରୋଗ ଏବଂ ବ୍ୟାଧି ଦୂର ହେବା ସାଙ୍ଗକୁ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୋଇଥାଏ ବୋଲି ଲୋକଙ୍କ ଅଗାଢ଼ ବିଶ୍ୱାସ ରହିଛି । ତେଣୁ ଭକ୍ତମାନେ ଠାକୁରାଣୀଙ୍କ ପୀଠକୁ ଆସି ପିଲାଙ୍କୁ ମୁଣ୍ଡନ କରିବା ସହ ମାଙ୍କ ପ୍ରିୟ ପଞ୍ଚାମୃତ ଓ ଭୋଗରାଗ କରନ୍ତି ।

# ଅଙ୍ଗନବାଡ଼ି ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ




ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ରାଜ ଦାଣ୍ଡ ଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ଓଡ଼ିଶା ଅଙ୍ଗନବାଡ଼ି ସଂଘ ପକ୍ଷରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିଭ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସେମାନଙ୍କମୁଖ୍ୟ ତ ଦାବି ରହିଲା। ପେନ୍ ସନ ୫ହଜାର ତୁରନ୍ତ କରାଯାଉ। ସମାନ କାମକୁ ସମାନ ଦରମା,ସହ ଏଭଳି ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବି.ଏମ୍. ସି ସଂଘ ସଭାପତି ସୁଜିତ ପ୍ରଧାନ ଙ୍କ ନେତୃତ୍ୱରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ସଂଘ ର ଗଜପତି ଶାଖାର , ସମ୍ପାଦକ ଅଞ୍ଜଳି ନାୟକ ଓ ଅଙ୍ଗନବାଡ଼ି ସଭାପତି କୁନି ଯାନି ସମ୍ପାଦକ ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବିଭିଭ ଦାବି ନେଇ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରିସେଷରେ ଜିଲ୍ଲା ପ୍ରସା ସନ୍ କୁ ଦାବି ପତ୍ର ପ୍ରଦାନ କରିଥିବାର ଜଣାପଡିଛି।

# ନ୍ୟାୟ ନପାଇ ଥାନାରୁ ଫେରିଗଲେ ମହିଳା



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନାରୁ ନ୍ୟାୟ ନପାଇ ଫେରିଗଲେ ମହିଳା।ସୂଚନା ଅନୁଯାୟୀ ଆଜକୁ ପ୍ରାୟ ୧୨ ବର୍ଷ ତଳେ ରାସୋଳ ଥାନା ବାବନ୍ଧ ଗ୍ରାମପଞ୍ଚାୟତ ବେଡାପଡା ଗ୍ରାମର ବିଜୟ ସାମଲ ଙ୍କଝିଅ ଲିପି ସାମଲ ବାଲିମୀ ଥାନା ଠୋକର ଗ୍ରାମର ପବିତ୍ର ସାମଲଙ୍କ ପୁଅ ପ୍ରକାଶ ସାମଲଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ।ବିବାହ ପରଠାରୁଆଜି ପର୍ଯ୍ୟନ୍ତ ଲିପି ଏବଂ ପ୍ରକାଶଙ୍କ ମଧ୍ୟରେ କଳହ ଲାଗି ରହିଥିବାର ପ୍ରକାଶ କରିଛନ୍ତି ସ୍ତ୍ରୀ ଲିପି। ଆଜି କଳହ ଉଗ୍ରରୂପ ଧାରଣ କରିଥିଲାୟ ମଦ୍ୟପ ସ୍ୱାମୀର ମାଡ଼ରେ ଅଳ୍ପକେ ରକ୍ଷାପାଇଁ ନ୍ୟାୟ ପାଇବା ଆଶାରେ ବାଲିମୀ ଥାନାକୁ ଧାଇଁ ଆସିଥିଲେ। ବଡ ଦୁଃଖର ବିଷୟ ଦୀର୍ଘ ୪ଘଣ୍ଟା ଅପେକ୍ଷା କରିବା ପରେ ନ୍ୟାୟ ନପାଇ ଫେରିଗଲେ ମହିଳା ଜଣଙ୍କ।ଉକ୍ତ ମହିଳାଙ୍କର ଯଦି କୌଣସି ଅଘଟଣ ଘଟେ ତାହାଲେ ସେଥିପାଇଁ ଦାୟୀ କିଏ ରହିବ।ତେବେ ସାଧାରଣ ଲୋକଟିଏ ନ୍ୟାୟ ପାଇବା ଆଶାରେ ଥାନାକୁ ଦୌଡ଼ି ଆସୁଥିବା ବେଳେ ବାଲିମି ପୋଲିସ୍ ର ଏଭଳି କାର୍ଯ୍ୟକୁ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନବାଡି କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ

କଳାହାଣ୍ଡି : /ମହାଭାରତ :ଆଜି ଜିଲ୍ଲାର ୧୩ ଟି ବ୍ଲକ ସମେତ ସମସ୍ତ ମ୍ୟୁନସିପାଲିଟି, ବିଜ୍ଞାପିତ ଅଂଚଳ ପରିଷଦ ର ହଜାର ହଜାର ଅଙ୍ଗନବାଡି କର୍ମୀ ବାଲାଜୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ। ପରେ ପରେ କଳାହାଣ୍ଡି ଜିଲ୍ଲା ସଭାପତି ଶ୍ରୀମତୀ ମଞ୍ଜୁଲତା ମିଶ୍ରଙ୍କ ନେତୃତ୍ୱରେ ଏକ ସଭା ଆୟୋଜନ କରାଯାଇ ଜିଲ୍ଲାପାଳଙ୍କୁ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘର ପ୍ରମୁଖ ଦାବୀ ସମୂହ ଯଥା : ଅଙ୍ଗନବାଡି କର୍ମୀଙ୍କ ସର୍ବନିମ୍ନ ୧୮ ହଜାର ଟଙ୍କା ଦିଆଯାଉ ଯେ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ନ କରିଛନ୍ତି। ସେହିପରି ଅବସର କାଳୀନ ୫ ଲକ୍ଷ ଟଙ୍କା ଗ୍ରାଚୁୟାଟି ଓ ମାସିକ ୨ହଜାର ଟଙ୍କା ପେନସନ, ସମସ୍ତ ମିନି ଅଙ୍ଗନବାଡି କର୍ମୀଙ୍କୁ ଅଙ୍ଗନବାଡି ଘୋଷଣା କରାଯାଉ ଏବଂ ସହାୟିକା ମାନଙ୍କୁ ମାସିକ ଅନ୍ୟୁନ ୯ ହଜାର ଟଙ୍କା ଦରମା ପ୍ରଦାନ, କୌଣସି ଅଙ୍ଗନବାଡି କର୍ମୀ ଆକର୍ମଣ୍ୟ ହେଲେ ତାଙ୍କୁ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ଗାଁ ସମିତି ଅଧୀନରୁ ସମ୍ପୂର୍ଣ ମୁକ୍ତ କରାଯାଉ, ସରକାରଙ୍କ ନୂତନ ଶିକ୍ଷ୍ୟାନୀତି ଅନୁଯାଇ ଯୋଗ୍ୟ ବିବେଚିତ ଅଙ୍ଗନବାଡି କର୍ମୀମାନଙ୍କୁ ବୟସ ସୀମାକୁ ଉଛେଦ କରି ପ୍ରି ପ୍ରାଇମେରୀ ଶିକ୍ଷକ ଭାବେ ଶିକ୍ଷ୍ୟନୁଷ୍ଠାନ ମାନଙ୍କରେ ନିଯୁକ୍ତି ପ୍ରଦାନ କରିବା, ବରିଷ୍ଠତା ଭିତରେ ସହାୟିକା ମାନଙ୍କୁ ଅଙ୍ଗନବାଡି କର୍ମୀ ଭାବେ ପଦୋନ୍ନତି ଦେବା, ୭. ୫୦% ସିଧାସଳଖ ଅଙ୍ଗନବାଡି ସୁପରଭାଇଜର ନିଯୁକ୍ତି ବଳରେ ବରିଷ୍ଠତା ଓ ଶିକ୍ଷ୍ୟାଗତ ଯୋଗ୍ୟତା ଥିବା ଅଙ୍ଗନବାଡି କର୍ମୀମାନଙ୍କୁ ସୁପରଭାଇଜର ଭାବେ ପଦୋଉତି ଦେବାଭଳି ଦାବୀ ସମୂହ ସରକାର ଙ୍କ ନିକଟରେ ରଖାଯାଇଥିବା ବିଷୟରେ କଳାହାଣ୍ଡି ଜିଲ୍ଲା ଆଞ୍ଚଳିକ ସଭାନେତ୍ରୀ ଶ୍ରୀମତୀ ମଞ୍ଜୁଲତା ମିଶ୍ର ଓ ସାଧାରଣ ସମ୍ପାଦିକା ଶ୍ରୀମତୀ ହେମଲତା ସାମଲ ପ୍ରକାଶ କରିଛନ୍ତି। ପୁନଶ୍ଚ ସରକାର ଅଲ ଓଡିଶା ଅଙ୍ଗନବାଡି ୱାର୍କର ଲେଡ଼ିଜ ଆସୋସିଏସନ ର ଦାବୀ ପୂରଣ ନ କରିବାଯାଏ, ଏଭଳି ଗଣଧାରଣା, ବିକ୍ଷୋଭ ମାନ ଜାରି ରହିବ ବୋଲି ଗଣମାଧ୍ୟମ ନିକଟରେ ସଭାନେତ୍ରୀ ମଞ୍ଜୁଲତା ମିଶ୍ର ଚେତାବନୀ ଦେଇଛନ୍ତି।

# ଚାଷୀଙ୍କ ଧାନ ମେସିନ ଆଣି ଟେଷ୍ଟ କରୁଛି ମିଲର

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଜଙ୍ଗମ ରେ ହୋଇଥିବ ମଣ୍ଡିରେ ଧାନ ସମବାୟ ସମିତି ଜରୀଆରେ ଚାଷୀ ମାନଙ୍କ ଧାନ କ୍ରୟ କରାଯାଉଛି। ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ରେ ଟେଷ୍ଟ କରାଯାଉଛି ଏ ଫ କ୍ୟୁ ଧାନ ପରେ ଚାଷୀ ଙ୍କ ଧାନ ମିଲ ର ନିଜର ଆଣି ଥିବ। ମେସିନ ରେ ଧାନ ପକାଇ ଟେଷ୍ଟ କରୁଛନ୍ତି ଚାଷୀଙ୍କ ଧାନ ଭଲ ନାହିଁ କହି ଚାଷୀ ଙ୍କ ଧାନ କଟନି ଛଟିନ କରୁଥିବାର ଚାଷୀ ଅଭି ଯୋଗ କରୁଛନ୍ତି। ପ୍ରକୃତରେ ଚାଷୀ ଙ୍କ ଧାନ ମିଲର କଟନି ଛଟନି କରୁଛନ୍ତି ନା ସମବାୟ ସମିତି କଟ ନି ଛଟ ନି କରୁଛି ଚାଷୀ ଙ୍କ ମନରେ ପ୍ରଶ୍ନବା ଚି ସୃ ଷ୍ଟି କରୁଛି। ଚାଷୀ କୁଳ ପକ୍ଷରୁ ଏହାର ତଦନ୍ତ ହେଉ ବୋଲି ଅଭିଯୋଗ କରିଛନ୍ତି। ଚାଷୀଙ୍କ ଧାନ ମିଲର ଓ ସମବାୟ ସମିତି ର ମଧୁ ଚନ୍ଦ୍ରିକା ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏହାର ନିରପେକ୍ଷ ତଦନ୍ତ ହେଉ ବୋଲି ଚାଷୀ କୁଳ ଅଭିଯୋଗ କରୁଛନ୍ତି। ଚାଷୀଙ୍କ ଧାନ କ୍ରୟ ସକାଶେ ଅର୍ଥ ପାଣି ଭଳି ଖର୍ଚ୍ଚ କରୁଛନ୍ତି କିନ୍ତୁ ଚାଷୀ ମଣ୍ଡିରେ ବିକ୍ରି କରିବା ବେଳ ନାହିଁ ନଥିବ ଆସୁବିଧା ସମ୍ମୁଖୀନ ହଉ ଥିବ ର ଚାଷୀ କୁଳ ଅଭିଯୋଗ ହେଉଛି। ତେଣୁ ସରକାର ଏଥି ପ୍ରତି ଧାନ ଦେଲେ ଚାଷୀ କୁଳ ଉପକୃତ ହୋଇ ପାରିବେ।

# ବିଷମକଟକ ବ୍ଲକ ସଦର ମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ବିଷମକଟକ: (ମହାଭାରତ) ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ବିଷମକଟକ ବ୍ଲକ ସଦର ମହକୁମାସ୍ଥିତ ଗିଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ବନଖଣ୍ଡି। ଅଧିକାରୀ ସଚିନ ଆୱା ସାହେବଓହୋଲ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ମୁଖ୍ୟ ଉତ୍ତୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷଯ କୁମାର ଖେମୁଣ୍ଡୁ, ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ସ୍ୱାସ୍ଥ୍ୟ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଲଳିତ ମୋହନ ରାଉତରାୟ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ ।ଆଜି ମୋଟ୩୯ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୩୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୦୪ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ବିଶେଷ କରି ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା , ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ବିଦ୍ୟୁତ ଯୋଗାଣ, ପିଡ଼ିଏସ ଯୋଗାଣ ଆଦି ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶିବିରରେ ତହସିଲଦାର, ବିଷମକଟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମୁନିଗୁଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି ଶିବିରକୁ ଗୋଷ୍ଠୀ ଉତ୍ତୟନ ଅଧିକାରୀ, ବିଷମକଟକ ଶିବ ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ (ଗ୍ରୀଭାନ୍ସ) ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ।

# ଟିକାବାଲି କଲେଜ ରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ:(ମହାଭାରତ):ଟିକାବାଲି ବ୍ଲକ ନିକଟସ୍ଥ ଏ.ଏମ୍.ସି.ଏସ୍ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ନେହେରୁ ଯୁବ କେନ୍ଦ୍ର ମିଳିତ ଉଦ୍ୟମରେ ଦୁଇ ଦିନିଆ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ମୁଖ୍ୟ ବକ୍ତା ଭାବେ ଚକାପାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦୟ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବରେ ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ନବନୀତ କୁମାର, କନ୍ଧମାଳ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ନଳିନୀ କୁମାର ପାଣିଗ୍ରାହୀ, ବୌଦ୍ଧ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ମନୋରଞ୍ଜନ ଘଡେଇ ଯୋଗଦେଇଥିଲେ । ମୁଖ୍ୟ ଅତିଥି ବୃନ୍ଦ ନିଜର ବକ୍ତବ୍ୟରେ ବିକଶିତ ଭାରତ ଗଠନରେ ଯୁବ ସମାଜର ଭୂମିକା ଏବଂ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପାଇଁ ବିକଶିତ ଭାରତର ସ୍ୱପ୍ନ ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଜ୍ଞାନରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିକଶିତ ଭାରତ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବିଷୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବରେ ଡଃ ମନୋରଞ୍ଜନ ଘଡେଇ, ଡଃ ନଳିନୀ କୁମାର ପାଣିଗ୍ରାହୀ, ବନମାଳି ବେହେରା, ନରେନ୍ଦ୍ର ଦିଗାଲ୍,ମନୋଜ ପଟ୍ଟନାୟକ କାର୍ଯ୍ୟ ସମାପନ କରିଥିଲେ।

# ଦୁଇ ଭାଇ ଙ୍କ ବିବାଦରେ ବଳି ପଡିଛି ୮୫ ବର୍ଷୀୟମାଆ !



ପାରାଦୀପ/କୁଜଙ୍ଗ - ପାରାଦୀପ ଉପକଣ୍ଠ ସ୍ଥିତ ଭୂତମୁଣ୍ଡାଇ ଅନ୍ତର୍ଗତ ପିମ୍ପଳ ଗ୍ରାମର ପ୍ରମିଳା ବେହେରା(୮୫) ସ୍ୱାମୀ ଶୁକଦେବ ବେହେରାଙ୍କ ବର୍ତ୍ତମାନରେ ନାନା ଦୁଃଖ ଅଭାବ ଅନାଟନ ମଧ୍ୟରେ ଦୁଇ ପୁଅଙ୍କୁ ମଣିଷ କରି ଗଢି ତୋଳିବାରେ ସକ୍ଷମ ହୋଇଥିଲେ। ଶ୍ରଦ୍ଧାରେ ନା ଦେଇଥିଲେ ଲୋକନାଥ ଓ ଜଗନ୍ନାଥ। କିନ୍ତୁ କିଏ ଜାଣିଥିଲା ଦୁଇ ଭାଇଙ୍କ ବିବାଦ ମଧ୍ୟରେ ୮୫ ବର୍ଷର ମାଆ ବଳି ପଡିବେ ବୋଲି। ପ୍ରଥମେ ପ୍ରଥମେ ଦୁଇ ପୁଅ ସମ୍ପତି ବାଣ୍ଟ କରିବା ଭଳି ମାସେ ମାସେ ପାଳି କରି ନିଜ ପାଖରେ ରଖୁଥିଲେ। ପରେ ପରେ କୌଣସି କାରଣରୁ ବଡ ପୁଅ ଲୋକନାଥ ମାଆଙ୍କୁ ରଖିବାରୁ ଅସହଯୋଗ କରିବାରୁ ସାନ ପୁଅ ମଧ୍ୟ ଚଳନ ଶକ୍ତିହିନ ମେରୁଦଣ୍ଡ ହାଡ଼ ଭାଙ୍ଗିଥିବା ମାଆଙ୍କୁ ଏକ ପରିତ୍ୟକ୍ତ ସ୍ଥାନରେ ଛାଡ଼ିକି ଚାଲି ଆସିଥିଲା। ସାଲୁ ସାଲୁ ପୋକ ମାଛି ମଶାଙ୍କ ଗହଣରେ ଦୟନୀୟ ଅବସ୍ଥାରେ କଟୁଥିଲା ପ୍ରମିଳାଙ୍କ ଜୀବନ। ଗ୍ରାମର କିଛି ମୂରବୀ ସ୍ଥାନୀୟ ବ୍ୟକ୍ତି ବିଶେଷ ସେ ସମ୍ପର୍କରେ ଜିଲ୍ଲାରେ ବରିଷ୍ଠ ଲୋକମାନଙ୍କର ସ୍ୱାର୍ଥ ଓ ସୁରକ୍ଷା ପାଇଁ କାମ କରୁଥିବା ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ଶ୍ରୀମତୀ ଆଚାର୍ଯ୍ୟ ବ୍ୟାସ ଫାଉଣ୍ଡେସନର ଉପସଭାନେତ୍ରୀ ଶ୍ରୀମତୀ ରଶ୍ମିତା ନାୟକ ଓ ସଭ୍ୟ ବିପିନ ମାଝୀଙ୍କୁ ସାଥୀ କରି ପିମ୍ପଳ ଗ୍ରାମରେ ପହଞ୍ଚି ସାନ ପୁଅ ଜଗନ୍ନାଥ ଯିଏ ସେଠାରେ ଉପସ୍ଥିତ ଥିଲେ ତାଙ୍କ ସହ କଥା ହୋଇଥିଲେ। ମାତ୍ର ବଡ ପୁଅ ଲୋକନାଥଙ୍କ ସହ ଦୂରଭାଷ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ପ୍ରମିଳାର ପୁଅ ନୁହେଁ ଓ କୌଣସି ସହଯୋଗ କରିବି ନାହିଁ କି ମାଆଙ୍କୁ ରଖିବି ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଇଥିଲା। ସେ ମଧ ପ୍ରମିଳାଙ୍କ ସମ୍ପତିରୁ ଭାଗ ନେବ ନାହିଁ କହିବା ପରେ ସାନପୁଅ ଜଗନ୍ନାଥକୁ ବୁଝାସୁଝା କରିବା ପରେ ଲିଖିତ ପ୍ରତିଶ୍ରୁତି ଦେଇ ମାଆକୁ ଘରକୁ ନେଇଥିଲା। ତେବେ ଏ ଘଟଣାର ଆଗାମୀ ମୋଡ଼ କଣ ହେବ ତାହା କେବଳ ସମୟ ହି କହିବ। ଏଠି ପ୍ରମିଳା ଗୋଟିଏ ଉଦାହରଣ ନୁହେଁ ପ୍ରତିଦିନ ଶହ ଶହ ଅସହାୟ ପ୍ରମିଳା ମାନେ ଅନେକ ଯନ୍ତ୍ରଣା ର ଶିକାର ହେଉଛନ୍ତି। କିଛି ଲୋକ ଲୋଚନକୁ ଆସିଛି କିଛି ଆସି ପାରୁନାହିଁ। ଏଣୁ ଆଇନ୍ ର ବ୍ୟବସ୍ଥାକୁ ସଜଡ଼ାନଗଲେ ଆଗାମୀ ଦିନରେ ଅନେକ ବାପା ମାଆ ମାନେ ରାସ୍ତା କଡ଼ରେ ବୁଲୁଥିବେ ତାର ହିସାବ କରିବା କଷ୍ଟସାଧ ହୋଇପଡିବ।

# ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଯ୍ୟାତିୟ ମହିଳା ଦିବସ ପାଳିତ

ପାରାଦୀପ (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଯ୍ୟାତିୟ ମହିଳା ଦିବସ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି ।ବନ୍ଦର ର ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା ଙ୍କ ଅତୁଳନୀୟ ଅବଦାନ, ସେମାନଙ୍କ ସମ୍ମାନ ଅକ୍ଷୁର୍ଣ୍ଣ ରଖିବା, ନାରୀ ସଶକ୍ତିକରଣ, ଲିଙ୍ଗଗତ ସମାନତା ପାରାଦୀପ ବନ୍ଦରର ପ୍ରତିବଦ୍ଧତା କୁ ଦର୍ଶାଉଛି । ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦର ପରିଚାଳନା ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ମହିଳା ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର କାର୍ଯ୍ୟରତ ମହିଳା ସେଲ ର ସଚିବ ଓ ସଂଯୋଜକ କ୍ୟାପ୍ଟେନ ଏ.ସି.ସାହୁ, ଆଇସିଏସଏସଆର ର ଶ୍ରୀମତୀ ସ୍ୱର୍ଣ୍ଣମୟୀ ତ୍ରିପାଠୀ, ସମାଜସେବୀ ଶ୍ରୀମତୀ ତାପସୀ ପ୍ରହରାଜ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ର ବିଷୟବସ୍ତୁ ଥିଲା 'ସମସ୍ତ ମହିଳା ଙ୍କ ଅଧିକାର, ସମାନତା, ସଶକ୍ତିକରଣ' ।ଏହି କ୍ଷର୍ଯ୍ୟକ୍ରମରେ କାର୍ଯ୍ୟରତ ମହିଳା ସେଲ ର ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀମତୀ ସୁପ୍ରିତି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନିଜ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବନ୍ଦର ମହିଳା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ବନ୍ଦର ଉପାଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ।



# ଖରାପ ସମୟରେ ଶ୍ରୀକୃଷ୍ଣ ଓ ଗୀତା ସବୁବେଳେ ମୋତେ ସାହାଯ୍ୟ କରନ୍ତି



**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** ଏହା ଆମ ଶାସ୍ତ୍ରରେ ଲେଖାଯାଇଛି, ଯେତେବେଳେ ବି ଅସୁବିଧା ଉପୁଜିବ, ଶ୍ରୀମଦ୍ ଭଗବତ ଗୀତା ପଢ଼ନ୍ତୁ । ଏହା ଆପଣଙ୍କୁ ବାଟ ଦେଖାଇଥାଏ । ମହାଜ୍ଞାନୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ସବୁବେଳେ ଏହି ମନ୍ତ୍ରକୁ ଆପଣାଇଛନ୍ତି । ଏବେ ଆମେରିକାର ଗୁଇନ୍ଦା ମୁଖ୍ୟ (ନ୍ୟାସନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟର) ତୁଳସୀ ଗାବାର୍ଡ ମଧ୍ୟ ସମାନ କଥା କହିଛନ୍ତି । ତୁଳସୀ କହିଛନ୍ତି, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ କ୍ଷେତ୍ରରେ ସେବା କରିବା ହେଉ କିମ୍ବା ଆଜି ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନ, ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ଶିକ୍ଷାରେ ତାହାର ଉତ୍ତର ରହିଛି... ମୁଁ ମୋର ସର୍ବୋତ୍ତମ ଏବଂ ଖରାପ ସମୟରେ ଏହି ବାଣୀ ଉପରେ ନିର୍ଭର କରେ । ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ତୁଳସୀ ଗାବାର୍ଡ କହିଛନ୍ତି, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ କ୍ଷେତ୍ରରେ ସେବା କରିବା ହେଉ କିମ୍ବା ଆଜି ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନ, ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ଶିକ୍ଷାରେ ତାହାର ଉତ୍ତର ରହିଛି... ମୁଁ ମୋର ସର୍ବୋତ୍ତମ ଏବଂ ଖରାପ ସମୟରେ ଏହି ବାଣୀ ଉପରେ ନିର୍ଭର କରେ । ତୁଳସୀ ୨୦୧୩ ମସିହାରେ ଆମେରିକୀୟ ପ୍ରତିନିଧି ସଭାରେ ପ୍ରଥମ ହିନ୍ଦୁ ଆମେରିକୀୟ କଂଗ୍ରେସ ସଦସ୍ୟ ଭାବରେ ଭଗବତ ଗୀତା ଉପରେ ହାତ ରଖି ଶପଥ ଗ୍ରହଣ କରିଥିଲେ । ତୁଳସୀ ଗବାର୍ଡ ଭଗବାନ ଶ୍ରୀକୃଷ୍ଣଙ୍କ ଭକ୍ତ ଏବଂ ଭଗବତ ଗୀତାକୁ ତାଙ୍କର ଆଧାତ୍ମିକ ପ୍ରେରଣା ଭାବରେ ଅନେକ ଥର ଉଲ୍ଲେଖ କରିଛନ୍ତି । ଆମେରିକୀୟ ନେତାମାନଙ୍କ ମଧ୍ୟରେ ଭଗବତ ଗୀତା ଏବଂ ଭଗବାନ କୃଷ୍ଣଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ପ୍ରକାଶ କରିବାର ପରମ୍ପରା ରହିଛି । ଏହା ପୂର୍ବରୁ ଏଫବିଆଇ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିବା ଭାରତୀୟ-ଆମେରିକୀୟ ଓକିଲ କାଶ ପଟେଲ ଆମେରିକୀୟ ହାଉସରେ ଶୁଣାଣି ସମୟରେ ତାଙ୍କ ପିତାମାତାଙ୍କୁ 'ଜୟ ଶ୍ରୀକୃଷ୍ଣ' କହି ପରିଚୟ ଦେଇଥିଲେ ।

# ୱାକଫ ସଂଶୋଧନ ବିଲ୍ ବିରୋଧରେ ଗର୍ଜିଲେ ଅସଦୁଦ୍ଦିନ

**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** ୱାକଫ ସଂଶୋଧନ ବିଲ୍ ପ୍ରତିବାଦରେ ଜନ୍ତରମନ୍ତରେ ବିରୋଧ ପ୍ରଦର୍ଶନ କରିଛନ୍ତି ମୁସଲିମ୍ ନେତା । ଗର୍ଜିଲେ ଅସଦୁଦ୍ଦିନ ଓୱେସି । କହିଲେ ୱାକଫ ବିଲ୍କୁ ନେଇ ନୂଆ ଆଇନ ଗଢ଼ିବାକୁ ଚେଷ୍ଟା କରୁଛନ୍ତି ସରକାର । ଶାନ୍ତି ନଷ୍ଟ କରିବା, ମନ୍ଦିର ଏବଂ ମସଜିଦ ନାଁରେ ଲଢ଼େଇ ଜାରି ରଖିବା ଏକ ଷଡ଼ଯନ୍ତ୍ର । ମୁସଲମାନମାନଙ୍କ ଧାର୍ମିକ ଏବଂ ରାଜନୈତିକ ପରିଚୟ ଛଡ଼ାଇ ନେବା ମୂଳ ଲକ୍ଷ୍ୟ ବୋଲି ସେ ଅଭିଯୋଗ କରିଛନ୍ତି । ଦିଲ୍ଲୀର ଜନ୍ତର ମନ୍ତରରେ ୱାକଫ ସଂଶୋଧନ ବିଲ୍ ବିରୋଧରେ ପ୍ରତିବାଦରେ ଏଆଇଏମଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସି କହିଛନ୍ତି, ସରକାର ୱାକଫ ବିଲ୍ ସମ୍ପର୍କରେ ଏକ ଆଇନ ତିଆରି କରିବାକୁ ଚେଷ୍ଟା କରୁଛନ୍ତି । ସରକାରଙ୍କ ଏକମାତ୍ର ଉଦ୍ଦେଶ୍ୟ ହେଉଛି ଶାନ୍ତି ନଷ୍ଟ କରିବା ଓ ମନ୍ଦିର ଏବଂ ମସଜିଦ ନାଁରେ ଲଢ଼େଇ ଜାରି ରଖିବା । ଏହାକୁ ଏପରି ଭାବରେ ସମାପ୍ତ କରୁଛନ୍ତି ଯେ, ୱାକଫ ବ୍ୟବହାରକାରୀଙ୍କ ଦ୍ୱାରା ରହିବ ନାହିଁ । ଦିଲ୍ଲୀରେ ଏପରି ୧୨୩ ସମ୍ପତ୍ତି ଅଛି । ଡିଏମ୍ ସରକାରଙ୍କ ସପକ୍ଷରେ ନିଷ୍ପତ୍ତି ଦେବେ । ଯଦି ଏହି ଆଇନ ତିଆରି ହୁଏ, ତେବେ ସଂସଦ ମସଜିଦ ବାହାରେ ଏକ ନୋଟିସ୍ ଲଗାଯିବ ଯେ, ଏହା ୱାକଫ ସମ୍ପତ୍ତି ନୁହେଁ । ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ମୁସଲମାନମାନଙ୍କର ଧାର୍ମିକ ଏବଂ ରାଜନୈତିକ ପରିଚୟ ଛଡ଼ାଇ ନେବା, ସମ୍ପତ୍ତି ଛଡ଼ାଇ ନେବା । ସେପଟେ ଜନ୍ତରମନ୍ତରରେ ମେରଟର ହିନ୍ଦୁ କାର୍ଯ୍ୟକର୍ତ୍ତା ସଚିନ୍ ସିରୋହୀ କହିଛନ୍ତି, ଦେସ ସମ୍ବିଧାନ ଅନୁଯାୟୀ ଚାଲିବ । ବିଲ୍କୁ ବିରୋଧ କରୁଥିବା ବିରୋଧ ଅଯଥା ଡ୍ରାମା କାହିଁକି କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।

# ବମ୍ବେ ହାଇକୋର୍ଟରୁ ଗୌତମ ଆଦାନୀଙ୍କୁ କ୍ଲିନଚିଟ୍

**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ଓ ତାଙ୍କ ଭାଇ ରାଜେଶଙ୍କୁ ବମ୍ବେ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି । ସୋମବାର ହାଇକୋର୍ଟ ନିଜ ରାୟରେ ଆଦାନୀ ଏଣ୍ଟରପ୍ରାଇଜେସର ସେୟାରରେ କଥିତ ହେରଫେର ମାମଲାର ରାୟ ଦେଇଛନ୍ତି । ୩୮୮ କୋଟି ଟଙ୍କାର ମାର୍କେଟ ରେଗୁଲେସନ୍ ଭାଓଲେସନ୍ ମାମଲାରେ ହାଇକୋର୍ଟ ଦେଇଛନ୍ତି କ୍ଲିନ୍ ଚିଟ୍ । ବମ୍ବେ ହାଇକୋର୍ଟଙ୍କ ଏହି ରାୟ ପରେ ଏକ ଦଶକରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିଥିବା ଲମ୍ବା ଆଇନଗତ ବିବାଦ ଏବେ ଶେଷ ହୋଇଛି । ଏହି ମାମଲା ୨୦୧୨ର, ଯେତେବେଳେ ସିରିୟସ୍ ଫ୍ରଡ୍ ଇନଭେଷ୍ଟିଗେସନ୍ ଅଫିସ୍ ପକ୍ଷରୁ ଆଦାନୀ ଏଣ୍ଟରପ୍ରାଇଜେସନ୍ ଲିମିଟେଡ୍ ଓ ଏହାର ପ୍ରମୋଟରଙ୍କ ବିରୋଧରେ ଅପରାଧିକ ଷଡଯନ୍ତ୍ର ଓ ଠକେଇ ଅଭିଯୋଗ ଲଗାଇ ଚାର୍ଜସିଟ୍ ଫାଇଲ କରିଥିଲା । ଏହା କଥିତ ଆର୍ଥିକ ଅନିୟମିତା ସହ ଜଡିତ ଥିଲା । ଏହି ଚାର୍ଜସଟରେ ଗୌତମ ଆଦାନୀ ଓ ତାଙ୍କ ଭାଇ ରାଜେଶ ଆଦାନୀଙ୍କ ସହ ମୋଟ ୧୨ ଜଣଙ୍କ ନାଁ ରହିଥିଲା । ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ, ମୁମ୍ବାଇ ମାଜିଷ୍ଟ୍ରେଟ୍ କୋର୍ଟ ମାମଲାର ତଦନ୍ତ ପରେ ମଇ ୨୦୧୪ ରେ ଗେତମ ଆଦାନୀଙ୍କୁ ଅଭିଯୋଗମୁକ୍ତ କରିଥିଲେ । ଏହା ସହ ନିଜ ରାୟରେ କହିଥିଲେ ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନଥିଲା । କିନ୍ତୁ SFIO ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ ଦେଇ କହିଥିଲା ଯେ, ଆଦାନୀ ଗ୍ରୁପ୍ କିଛି ଫାଇନାନ୍ସିଆଲ ଟ୍ରାଞ୍ଜାକସନ୍ ଜରିଆରେ କଥିତ ଭାବରେ ଖୁବ୍ ଲାଭ କରିଥିଲା । ଏହାପରେ ୨୦୧୯ ନଭେମ୍ବର ମାସରେ ସେସନ୍ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ ଦେଇ ଆବେଦନ ହୋଇଥିଲା । ସେସନ୍ କୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଗେତମ ଆଦାନୀ ଓ ରାଜେଶ ଆଦାନୀ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ଯୁକ୍ତି ଦେଇଥିଲେ ଯେ, SFIOର ଦାବି ସବୁ ଏକପାକ୍ଷିଆ। ଏହି ମାମଲାରେ କୌଣସି ଦମ୍ ନାହିଁ । ଏବେ ଏହି ମାମଲାରେ ସୋମବାର ନ୍ୟାୟମୂର୍ତ୍ତି ଆରଏନ୍ ଲଡାଙ୍କ ଖଣ୍ଡପୀଠ ସମୀକ୍ଷା କରି ତାଙ୍କୁ ବଡ଼ ଧରଣର ଆଶ୍ୱସ୍ତି ଦେଇଛନ୍ତି ।

# ଦୁଇ ଦିନରେ ୨୨ଟି ହତ୍ୟା

**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** ବିହାରର ଆଇନ ବ୍ୟବସ୍ଥାକୁ ନେଇ ସୋମବାର ବିଧାନସଭା ପରିଷଦରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ନୀତିଶ କୁମାରଙ୍କୁ ଟାର୍ଗେଟ କରିଥିଲେ । ରାଜ୍ୟରେ ବଢୁଥିବା ଅପରାଧ ଏବଂ ପୁଲିସ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ନେଇ ରାବ୍ରୀ ଦେବୀ କହିଛନ୍ତି, ' ନୀତିଶ କୁହନ୍ତି ଯେ ଏହା ଏକ ସୁଶାସନର ସରକାର । କେଉଁଠାରେ ଅଛି ସୁଶାସନ ? ବିହାରରେ ହୋଲି ସମୟରେ ଦୁଇ ଦିନରେ ୨୨ଟି ହତ୍ୟା ଘଟଣା ସାମ୍ନାକୁ ଆସିଛି । ଭଉଣୀ ଏବଂ ଝିଅମାନଙ୍କୁ ଦୁଷ୍କର୍ମ ଏବଂ ହତ୍ୟା କରାଯାଉଛି । ଇନ୍ସପେକ୍ଟର ଏବଂ କନଷ୍ଟେବଲଙ୍କୁ ହତ୍ୟା କରାଯାଉଛି । ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କର ଅବସ୍ଥା କ'ଣ ହେବ ? ଯେଉଁମାନଙ୍କୁ ଲୋକଙ୍କ ସୁରକ୍ଷା ପାଇଁ ନିଯୋଜିତ କରାଯାଇଛି ସେମାନଙ୍କୁ ହତ୍ୟା କରାଯାଉଛି । ଏହା କ'ଣ ମଙ୍ଗଳ ରାଜ୍ୟ ? ଏହି ସମୟରେ ଆରଜେଡି ବିଧାୟକ ରଣବିଜୟ ସାହୁ ବିହାରରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଦାବି କରିଛନ୍ତି । ତେଜସ୍ୱୀ ସରକାର ଆସିବା ମାତ୍ରେ ଏନକାଉଣ୍ଟର ନୀତି ଲାଗୁ କରାଯିବ । ବିହାରରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି । ନୀତିଶ କୁମାର ଗୃହ ବିଭାଗ ସମ୍ଭାଳି ପାରୁନାହାଁନ୍ତି । ସେ ଅଚେତ ହୋଇପଡ଼ିଛନ୍ତି । ପୁଲିସକର୍ମଚାରୀମାନଙ୍କୁ ହତ୍ୟା କରାଯାଉଛି । ସେମାନଙ୍କୁ ପଥରମାଡ଼ କରାଯାଉଛି । ଏସବୁ ପରିସ୍ଥିତି ମଧ୍ୟରେ ସାଧାରଣ ଲୋକ ଘରୁ ବାହାରିବାକୁ ଭୟ କରୁଛନ୍ତ ।


# କୋଲକାତା ପୀଡିତାଙ୍କ ବାପା-ମା'ଙ୍କ ଆବେଦନ ଖାରଜ



**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** କୋଲକତା ଆରଜି କର ମାମଲାର ଶୁଣାଣି କରିବେନି ସୁପ୍ରିମକୋର୍ଟ । ପୀଡିତାଙ୍କ ବାପା-ମା' ନିଜ ଝିଅର ଦୁଷ୍କର୍ମ ଓ ହତ୍ୟା ମାମଲାର ନୂଆ ଭାବରେ ତଦନ୍ତ କରିବାକୁ କୋର୍ଟରେ ଆବେଦନ କରିଥିଲେ । ଏହା ଉପରେ ଶୁଣାଣି କରିବା ନେଇ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, କଲିକତା ହାଇକୋର୍ଟଙ୍କ ନିକଟରେ ଆବେଦନ କରନ୍ତୁ । ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା କହିଛନ୍ତି, ଆମେ ଏହି ମାମଲାରେ କୌଣସି ଟିପ୍ପଣୀ ଦେଇ ପାରିବୁନି । ଆବେଦନକାରୀ ହାଇକୋର୍ଟଙ୍କ ଆଗରେ ମାମଲା ଉଠାଇ ପାରିବେ ।' ପୀଡିତାଙ୍କ ବାପ-ମା' ଏହି ମାମଲାରେ ଅନ୍ୟ ଲୋକଙ୍କ ଭୂମିକା ଜାଣିବା ପାଇଁ ନୂତନ ଭାବରେ ତଦନ୍ତ ଦାବି କରିଥିଲେ । ସୁପ୍ରିମକୋର୍ଟ କହିଛନ୍ତି, ପୀଡିତାଙ୍କ ବାପା-ମା' ଏହି ଆବେଦନ ହାଇକୋର୍ଟରେ ଦାଖଲ କରି ନିଜ କଥା ରଖନ୍ତୁ । ଆମେ ନିଜ ପଟୁ ଏହି ଆବେଦନ ଉପରେ କୌଣସି ରାୟ ଦେଇପାରିବୁନି । ହାଇକୋର୍ଟର ବିଚାରପତି ନିଜ ବିବେକ ଅନୁସାରେ ଆବେଦନ ଉପରେ ରାୟ ଦିଅନ୍ତୁ । ସୁପ୍ରିମକୋର୍ଟ ଏହା ସହ ଜଡିତ ମୁଖ୍ୟ ମାମଲାର ଶୁଣାଣି ୧୩ ମଇରୁ ଆରମ୍ଭ କରିବାକୁ ଯାଉଛନ୍ତି । ଉଲ୍ଲେଖନୀୟ ଯେ, ଗତ ବର୍ଷ ଆରଜି କର ହସ୍ପିଟାଲର ସେମିନାର ହଲରେ ଲେଡି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା । ଏହି ଘଟଣାକୁ ନେଇ ସାରା ଦେଶରେ ଜୋରଦାର ବିକ୍ଷୋଭ ହୋଇଥିଲା । କୋଲକାତା ହାଇକୋର୍ଟ ୧୩ ଅଗଷ୍ଟରେ ତଦନ୍ତ ଭାର କୋଲକାତା ପୋଲିସଠାରୁ ନେଇ ସିବିଆଇକୁ ଦେଇଥିଲେ । ୧୪ ଅଗଷ୍ଟରୁ ସିବିଆଇ ନିଜର ତଦନ୍ତ ଆରମ୍ଭ କରିଥିଲା । ସେଭଳି ଏହି ମାମଲାର ଶୁଣାଣି କରି ସିଆଲଦା ସେସନ୍ କୋର୍ଟ ଅଭିଯୁକ୍ତ ସଞ୍ଜୟ ରାୟକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାକୁ ମୃତ୍ୟୁ ପର୍ଯ୍ୟନ୍ତ ଆଜୀବନ ସଜା ଶୁଣାଇଛନ୍ତି କୋର୍ଟ।

# ବନ୍ଦ ହୋଇପାରେ ଋଷ-ୟୁକ୍ରେନ୍ ଯୁଦ୍ଧ


**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** ଖୁବଶୀଘ୍ର ହୋଇପାରେ ଯୁଦ୍ଧ ବିରାମ୍ । ଦୀର୍ଘଦିନ ଧରି ଜାରି ରହିଥିବା ଋଷ-ୟୁକ୍ରେନ୍ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡିପାରେ । ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୋରଦାର ପ୍ରୟାସ କରୁଛନ୍ତି । ଚଳିତ ସପ୍ତାହରେ ଯୁଦ୍ଧ ବନ୍ଦ ନେଇ ଭଲ ଖବର ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି । କାହିଁକିନା ଯୁଦ୍ଧ ବନ୍ଦ ନେଇ ଖୁବଶୀଘ୍ର ଋଷ ରାଷ୍ଟ୍ରପତି ପୁଟିନଙ୍କ ସହ ଫୋନରେ ଆଲୋଚନା କରିପାରନ୍ତି ଡୋନାଲ୍ଡ ଟ୍ରମ୍ପ । ହ୍ୱାଇଟ୍ ହାଉସର ଜଣେ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟକଫ ରବିବାର କହିଛନ୍ତି ଯେ ଆମେରିକା ମଧ୍ୟ ୟୁକ୍ରେନ ସହିତ ନିରନ୍ତର ଯୋଗାଯୋଗରେ ଅଛି । ପୂର୍ବରୁ ଆମେରିକା ଉଭୟ ଦେଶକୁ ୩୦ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବ ଦେଇଥିଲା ।



ୟୁକ୍ରେନ ପ୍ରସ୍ତାବକୁ ଗ୍ରହଣ କରିଥିବାବେଳେ, ପୁଟିନଙ୍କ ଠାରୁ ଏପର୍ଯ୍ୟନ୍ତ କୌଣସି ସମ୍ମତି ମିଳିନାହିଁ । ଷ୍ଟିଭ୍ ୱିଟକଫ ଋଷ ରାଷ୍ଟ୍ରପତି ପୁଟିନଙ୍କ ସହ ତାଙ୍କର ଆଲୋଚନାକୁ ସକାରାତ୍ମକ ଆଲୋଚନା ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, 'ଏହା ଏକ ସମାଧାନ-ଭିତ୍ତିକ ଆଲୋଚନା ଥିଲା । ୱିଟକଫଙ୍କ ଅନୁସାରେ, ପୁଟିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ପ୍ରସ୍ତୁତ ଏବଂ ଉଭୟ ନେତା ଯୁଦ୍ଧ ସମାପ୍ତ କରିବାକୁ ଚାହୁଁଛନ୍ତି । ସେ ଏହା ମଧ୍ୟ ଦୋହରାଇଲେ ଯେ ଟ୍ରମ୍ପ ଆଶାବାଦୀ ଅଛନ୍ତି ଯେ ଆଗାମୀ ସପ୍ତାହ ମଧ୍ୟରେ କୌଣସି ପ୍ରକାରର ଚୁକ୍ତି ହୋଇପାରିବ । ଯୁଦ୍ଧ ବିରତିକୁ ନେଇ ବଡ ସର୍ତ୍ତ ରଖିଛି ୟୁକ୍ରେନ୍ । ଜେଲେନସ୍କି କହିଛନ୍ତି, ମତେ ଏକ ପ୍ରତିଶ୍ରୁତି ଦିଆଯାଉ, ଯଦି ଭବିଷ୍ୟତରେ ଋଷ ପୁଣି ୟୁକ୍ରେନ୍ ଉପରେ ଆକ୍ରମଣ କରେ ତେବେ ଆମେରିକା ଏବଂ ତାର ଅନ୍ୟ ସହଯୋଗୀ ରାଷ୍ଟ୍ର ୟୁକ୍ରେନର ସାଥ ଦେବେ । କିନ୍ତୁ ୟୁକ୍ରେନର ଏହି ସର୍ତ୍ତ ଉପରେ କୌଣସି ପ୍ରତିକ୍ରିୟା ରଖିନି ଆମେରିକା । ଅନ୍ୟପଟେ, ଋଷ ସ୍ପଷ୍ଟ କରି କହିଛି, କୌଣସି ପରିସ୍ଥିତିରେ ଅସ୍ଥାୟୀ ଯୁଦ୍ଧବିରତି ଚାହେଁ ନାହିଁ ।

# ଔରଙ୍ଗଜେବଙ୍କ ସମାଧି ବୀରତ୍ୱର ପ୍ରତୀକ : ସଂଜୟ ରାଉତ

**ମୁମ୍ବାଇ,୧୮।୩(ଏଜେନ୍ସି):** ମହାରାଷ୍ଟ୍ରରେ ଔରଙ୍ଗଜେବଙ୍କ ସମାଧିକୁ ନେଇ ରାଜନୀତି ବଢିଚାଲିଛି ଏବଂ ଏହାର ଉତ୍ତାପ ସମଗ୍ର ଦେଶରେ ଅନୁଭୂତ ହେଉଛି । ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସମେତ ବିଭିନ୍ନ ହିନ୍ଦୁ ସଂଗଠନ ଔରଙ୍ଗଜେବଙ୍କ ସମାଧି ହଟାଇବାକୁ ଦାବି କରୁଛନ୍ତି ଏବଂ ଏଥିପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଅନ୍ୟପକ୍ଷରେ କଂଗ୍ରେସ ସମେତ ଅନେକ ବିରୋଧୀ ଦଳ ଏହାକୁ ଏଭଳି ପ୍ରସଙ୍ଗ ବୋଲି କହୁଛନ୍ତି, ଯାହା ବାତାବରଣକୁ ଖରାପ କରିପାରେ । ଅନ୍ୟପକ୍ଷରେ ସୋମବାର ଶିବସେନା ନେତା ସଞ୍ଜୟ ରାଉତ ଔରଙ୍ଗଜେବଙ୍କ ସମାଧିକୁ ବୀରତ୍ୱର ପ୍ରତୀକ ବୋଲି କହିବା ସହ ଏହାକୁ କେବେ ବି ଭାଙ୍ଗିବା ଉଚିତ ନୁହେଁ ବୋଲି କହିଛନ୍ତି । ଏହାକୁ ନେଇ ଅନ୍ୟ ନେତାମାନେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ସୋମବାର ସଞ୍ଜୟ ରାଉତ କହିଛନ୍ତି, ଏହା ଔରଙ୍ଗଜେବଙ୍କ ସମାଧ । ଏହା ବୀରତ୍ୱର ପ୍ରତୀକ ଅଟେ । ଏହାକୁ କେବେ ବି ଭାଙ୍ଗିବା ଉଚିତ ନୁହେଁ ।




ଛତ୍ରପତି ଶିବାଜୀ ମହାରାଜ ଔରଙ୍ଗଜେବଙ୍କ ବିରୁଦ୍ଧରେ ଏକ ମହାଯୁଦ୍ଧ ଲଢ଼ିଥିଲେ । ତାଙ୍କ ପରେ ମଧ୍ୟ ଔରଙ୍ଗଜେବ ୨୫ ବର୍ଷ ଧରି ଲଢ଼େଇ କରିଥିଲେ ମଧ୍ୟ ଜିତି ପାରିନଥିଲେ । ଔରଙ୍ଗଜେବଙ୍କ ସମାଧି ମହାରାଷ୍ଟ୍ରରେ ରହିଛି । ଏହା ମରାଠାମାନଙ୍କ ବୀରତ୍ୱର ପ୍ରତୀକ ।

## ଟ୍ରୋଲର୍ସଙ୍କୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

# ଅପଶବ୍ଦ କହୁଥିବା କିମ୍ବା ଲେଖୁଥିବା ଲୋକଙ୍କୁ ଉଲଗ୍ନ କରି ରାସ୍ତାରେ ପିଟିବି !

**ହାଇଦ୍ରାବାଦ,୧୮।୩(ଏଜେନ୍ସି):** ଟ୍ରୋଲର୍ସଙ୍କୁ କଡା ଚେତବାନୀ ଦେଇଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେୱନ୍ତ ରେଡ୍ଡୀ । ସେ କହିଛନ୍ତି ତାଙ୍କ ବିରୋଧରେ ଅପଶବ୍ଦ କହୁଥିବା କିମ୍ବା ଲେଖୁଥିବା ଲୋକଙ୍କୁ ରାସ୍ତାରେ ଠିଆ କରି ଉଲଗ୍ନ କରି ପିଟିବେ । ରାଜ୍ୟରେ ଦୁଇଜଣ ମହିଳା ସାମ୍ବାଦିକଙ୍କ ଗିରଫଦାରୀ ପରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ବୟାନ ସାମ୍ନାକୁ ଆସିଛି । ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମହିଳା ସାମ୍ବାଦିକ ଦ୍ୱୟ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରିଥିବା ଅଭିଯୋଗ ହୋଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମ୍ବିଧାନ ପ୍ରତି ତାଙ୍କର ସମ୍ମାନ ରହିଛି। ସେଥିପାଇଁ ସେ ଚୁପ୍ ରହିଛନ୍ତି । ଏହା ତାଙ୍କର ଦୁର୍ବଳତା ବୋଲି ଭାବିବା ଉଚିତ ନୁହେଁ । ସେ ଯାହାବି କରିବେ ଆଇନ ପରିସର ଭିତରେ କରିବେ । ସେ ଚୁପ୍ ରହିଛନ୍ତି କାରଣ ସେ ମୁଖ୍ୟମନ୍ତ୍ରୀ । ଅପଶବ୍ଦ କହୁଥିବା ଲୋକଙ୍କୁ ଲଙ୍ଗଳା କରି ରାସ୍ତାରେ ଠିଆ କରିବା ସହ ପିଟିପାରିବେ । ଏଭଳି ଲକ୍ଷ ଲକ୍ଷ ଲୋକ ଅଛନ୍ତି ତାଙ୍କ କଥା ଶୁଣିବା ପରେ ପିଟିବା ଲାଗି ରାସ୍ତାକୁ ଓହ୍ଲାଇ ଆସିବେ।



ସେ ନିଜ ପଦମର୍ଯ୍ୟାଦା ଦୃଷ୍ଟିରୁ ସବୁ କିଛି ସହି ଯାଉଛନ୍ତି । ରେୱନ୍ତ ଆହୁରି ମଧ୍ୟ କହିଛନ୍ତି ସେ ସାର୍ବଜନୀକ ଜୀବନରେ ରହିଥିବାରୁ ସମାଲୋଚନା ଶୁଣିବାକୁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ତାଙ୍କ ପରିବାର ସଦସ୍ୟଙ୍କୁ କାହିଁକି ଟାର୍ଗେଟ କରାଯାଉଛି । ସାମ୍ବାଦିକତା ନାମରେ ସୋସିଆଲ ମିଡିଆରେ ଆପତ୍ତିଜନକ ବିଷୟର ପ୍ରଚାରପ୍ରସାର କରିବା ସଂସ୍କୃତିକୁ କେବେ ବି ସେ ବରଦାସ୍ତ କରିବେ ନାହିଁ । ସୂଚନାଯୋଗ୍ୟ ଯେ ସୋସିଆଲ ମିଡିଆରେ ରେୱନ୍ତଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିବା ଅଭିଯୋଗରେ ଗତ ୧୦ ତାରିଖରେ ରେବତୀ ପୋଗଦଣ୍ଡା ଓ ସନ୍ଧ୍ୟା ଓରଫ ତନ୍ବି ଯାଦବ ନାମକ ଦୁଇଜଣ ସାମ୍ବାଦିକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ସେମାନେ ପଲ୍ସ ନ୍ୟୁଜ ନାମରେ ଏକ ୟୁଟ୍ୟୁବ ଚ୍ୟାନେଲ ଚଳାଉଥିଲେ । ଏହା ପରେ ମାର୍ଚ୍ଚ ୧୨ରେ ଉଭୟଙ୍କୁ ଗିରଫ କରାଯାଇଥିଲା । ପୁଲିସର ଅଭିଯୋଗ ଯେ ମହିଳା ସାମ୍ବାଦିକ ଦ୍ୱୟ ବିରୋଧୀ ଦଳ ବିଆରଏସ୍ ଅଫିସରେ ଉକ୍ତ ଭିଡିଓ ସୁଟିଂ କରି ତାକୁ ନିଜ ୟୁଟ୍ୟୁବ ଚ୍ୟାନେଲରେ ଛାଡିଥିଲେ ।

# ପ୍ରୟାଗରାଜରେ ପକ୍ଷୀଙ୍କ ଭିଡ

**ପ୍ରୟାଗରାଜ,୧୮।୩(ଏଜେନ୍ସି):** ମହାକୁମ୍ଭ ସରିଛି, ସଙ୍ଗମ ସ୍ଥଳକୁ ଶ୍ରଦ୍ଧାଳୁଙ୍କ ଭିଡ ବି କମିଛି । ହେଲେ ତ୍ରିବେଣୀ ସଙ୍ଗମରେ ଆଜି ବି କମିନି ପକ୍ଷୀଙ୍କ ଭିଡ । ଏବେବି ସଙ୍ଗମ ସ୍ଥଳରେ ବିଦେଶୀ ପକ୍ଷୀଙ୍କ ସମାଗମ ରହିଛି । ସଙ୍ଗମସ୍ଥଳ ଉପରେ ପକ୍ଷୀଙ୍କ କିଚିକିମିଚିରି ଶବ୍ଦ ପରିବେଶକୁ ଆହୁରି ସୁନ୍ଦର କରୁଛି । ସବୁଠାରୁ ବଡ କଥା ହେଉଛି ମହାକୁମ୍ଭ ସରିବାର ୧୫ ଦିନ ପରେ ବି ପକ୍ଷୀଙ୍କ ସଂଖ୍ୟା କମିନାହିଁ ଯାହା ଅନୁକୂଳ ପରିବେଶର ସଙ୍କେତ ଦେଉଛି । ସାଧାରଣତ ସାଇବେରିଆ ପକ୍ଷୀ ଏବଂ ଅନ୍ୟ ବିଦେଶାଗତ ପକ୍ଷୀଙ୍କ ସମାଗମ ଶୀତ ଦିନରେ ସଙ୍ଗମ ଘାଟରେ ରହିଥାଏ । ଡିସେମ୍ବରରୁ ଫେବୃୟାରୀ ଶେଷ ଯାଏଁ ଏହି ବିଦେଶୀ ପକ୍ଷୀ ମାନେ ଉଡି ଆସି ପ୍ରୟାଗରାଜର ସଙ୍ଗମସ୍ଥଳରେ ଭିଡ ଜମାନ୍ତି ଆଉ ମାର୍ଚ୍ଚ ଆରମ୍ଭରୁ ସେମାନେ ପୁଣି ବାହୁଡି ଯାଆନ୍ତି । ହେଲେ ଆଶ୍ଚର୍ଯ୍ୟର କଥା ହେଉଛି ଆଜି ମାର୍ଚ୍ଚ ୧୭ ତାରିଖ ହୋଇଥିଲେ ବି ସଙ୍ଗମସ୍ଥଳରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି । ଯାହା ପକ୍ଷୀ ଗଣନାକାରୀ ଏବଂ ପକ୍ଷୀ ବୈଜ୍ଞାନିକଙ୍କୁ ଚକିତ କରିଛି । କୁହାଯାଉଛି ସଙ୍ଗମର ଜଳ ସ୍ୱଚ୍ଛତା କାରଣରୁ ଏବଂ ପରିବେଶ ଅନୁକୂଳ ହୋଇଥିବାରୁ ପକ୍ଷୀମାନେ ଏଯାଏଁ ରହିଛନ୍ତି । ଜଳ ଯଦି ଅସ୍ୱଚ୍ଛ ଥାନ୍ତା ତାହାଲେ ବିଦେଶୀ ପକ୍ଷୀମାନେ କେବେଠୁ ଉଡି ଯାଆନ୍ତେଣି । ସଙ୍ଗମ ଜଳକୁ ମଝିରେ କିଛି ଲୋକ ଅସ୍ୱଚ୍ଛ ଏବଂ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଅଭିଯୋଗ ଆଣିଥିବା ବେଳେ ଏହାର ସ୍ୱଚ୍ଛତା ଏହି ବିଦେଶୀପକ୍ଷୀ ମାନେ ଦେଉଛନ୍ତି ବୋଲି ବୈଜ୍ଞାନିକମାନେ କହିଛନ୍ତି । ତେବେ ମହାକୁମ୍ଭ ପରେ ସଙ୍ଗମସ୍ଥଳକୁ ପରିଷ୍କାର ରଖିବା, ଜଳର ସ୍ୱଚ୍ଛତା ସହ ଘାଟର ସଫେଇ ଉପରେ ବାରମ୍ବାର ଗୁରୁତ୍ୱ ଦେବା କାରଣରୁ ସଙ୍ଗମ ଜଳ ସଫା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ପରଫେକ୍ଟ କୋକ୍ ହାଫଟାଇମ୍ ଆଇସିସି ଚମ୍ପିୟାନ୍ସ ଟ୍ରଫି ଫାଇନାଲ୍ସ

**ନୂଆଦିଲ୍ଲୀ,୧୮।୩** ନ୍ୟୁଜିଲାଣ୍ଡ ବିପକ୍ଷରେ ଆଇସିସି ପୁରୁଷ ଚମ୍ପିୟାନ୍ସ ଟ୍ରଫି ୨୦୨୫ରେ ଭାରତର ଆଶ୍ଚର୍ଯ୍ୟଚକିତ ବିଷୟ ଏକ ଅବିସ୍ମରଣୀୟ ସମାରୋହ ହୋଇପାରିଛି ଯେଉଁଠାରେକି କୋକା-କୋଲା ଇଣ୍ଡିଆ ଆଗରୁ ଏଭଳି ଦୃଶ୍ୟମାନ ହୋଇନଥିବା ମଧ୍ୟାହ୍ନ ସମୟ ସମସ୍ତଙ୍କ ପାଇଁ ମନମୁଗ୍ଧକରରେ ପରିଣତ ହୋଇପାରିଛି । ପୁନଃ-ବ୍ୟବସ୍ଥିତ, ରି-ଚାର୍ଜିଙ୍ଗ ତଥା ପ୍ରତ୍ୟେକ ମୁହୂର୍ତ୍ତର ଗଣତିହିଁ କୋକ୍ ହାଫଟାଇମ ଅଟେ । ଜୀବନରେ କିମ୍ବା ଖେଳକୁଦରେ ଏହାହିଁ ଏକ ବିରାମ ଅଟେ ଯାହା ପରବର୍ତି ଅବସ୍ଥାରେ ଆସିଥାଏ – ଏବଂ ଏଭଳି ମୁହୂର୍ତ୍ତକୁ ଅନ୍ୟ କିଛି ନୁହେଁ କେବଳହିଁ ଏକ ଥଣ୍ଡା-ବରଫଯୁକ୍ତ କୋକା-କୋଲା ଧରି ରଖିପାରିଥାଏ । ଏଭଳି ମୁହୂର୍ତ୍ତକୁ କିଏ ଅଧିକ ଉତ୍କୃଷ୍ଟ ଭାବରେ ଗଢ଼ିତୋଳିଥାଏ ? କୋକ୍ ଷ୍ଟୁଡ଼ିଓ ଭାରତ, ଯାହାକି ଏକ ଖୁବ୍ ଜଣାଶୁଣା ଆଇପି ଭାବରେ ପରିଚିତ ଯେକି ସମଗ୍ର ପୃଥିବୀକୁ "ଖଲାସି" ଏବଂ "ମ୍ୟାଜିକ୍" ଭଳି ଆଇକନିକ୍ ହିଟ୍ ପ୍ରଦାନ କରିଛି କେବଳ ଏଥିରେ ପ୍ରବେଶ କରନ୍ତୁ । ଏଥରକ, କୋକ୍ ଷ୍ଟୁଡ଼ିଓ ଭାରତ, ଆଉ ଏକ ଯାଦୁକରୀ ଟ୍ରାକ୍ "ହୋଲି ଆୟି ରେ" ପ୍ରଦାନ କରୁଅଛି । ମଥୁରା ଏବଂ ବୃନ୍ଦାବନର ଆକର୍ଷଣୀୟ ହୋଲି ମହୋତ୍ସବ ଦ୍ୱାରା ଅନୁପ୍ରାଣୀତ ହୋଇ "ହୋଲି ଆୟି ରେ" ଏକ ସମସାମୟିକ ଧ୍ୱନିରେ ଭାରତୀୟ ଲୋକ କଳାର ଆତ୍ମାକୁ ନିରନ୍ତର ଭାବରେ ମହକ ପ୍ରଦାନ କରି, ଏହି ପର୍ବ ପାଇଁ ଏକ ଉପଯୁକ୍ତ ସଙ୍ଗୀତ ପ୍ରସ୍ତୁତ କରିପାରିଛି । କୋକ୍ ଷ୍ଟୁଡ଼ିଓ ଭାରତରେ ଏହାର ଭବ୍ୟ ଡେବ୍ୟୁଟ୍ ପରେ ଏହି ଟ୍ରାକ୍ କେନ୍ଦ୍ରିୟ ଭାବରେ କୋକ୍ ହାଫଟାଇମ କାର୍ଯ୍ୟକ୍ରମ ଅବସରରେ ପ୍ରଦର୍ଶିତ ହୋଇଛି, ଯାହାକି ଲକ୍ଷ ଲକ୍ଷ କ୍ରିକେଟ ତଥା ସଙ୍ଗୀତ ପ୍ରେମୀଙ୍କୁ ଏହି ଉତ୍ସବର ଅପୂର୍ବ ଭାବ ସହିତ ଯୋଡ଼ି ପାରିଛି । ସାନ୍ତନୁ ଗାନଙ୍ଗେନ, ଆଇଏମଏକ୍ସ (ଇଂଟିଗ୍ରେଟେଡ୍ ମାର୍କେଟିଙ୍ଗ ଏକ୍ସପେରିଏନ୍ସ) ଅଗ୍ରଣୀ, କୋକା-କୋଲା ଇଣ୍ଡିଆ, ଏଥିରେ ଯୋଡ଼ି ହୋଇ ମତବ୍ୟକ୍ତ କରି କହିଛନ୍ତି, "ବିଶ୍ୱ ଶ୍ରେଣୀୟ ସହଭାଗୀତା ଯେପରିକି ଆଇସିସି ଏବଂ କୋକ୍ ଷ୍ଟୁଡ଼ିଓରେ ଆମର ସମ୍ପର୍କ ସହିତ ସଙ୍ଗୀତ ତାରକା ବିଶାଲ ମିଶ୍ରଙ୍କ ସହିତ ଏଭଳି ଏକ ଅନନ୍ୟ ସ୍ଥିତି ଯାହାକି ଆମକୁ ଦେଶର ସବୁଠାରୁ ବୃହତର କ୍ରିକେଟ ଏବଂ ଆମୋଦପ୍ରମୋଦର ଆବେଗଭରା ବିନ୍ଦୁରେ ଆଣି ଏକାଠି କରିପାରିଛି । କ୍ରିକେଟ କେବଳ ଦୃଶ୍ୟମାନ ହେଉ ନାହିଁ – ଏହା ଜୀବିତ ରହିଛି । ଏଥି ସହିତ କୋକା-କୋଲା ସୁନିଶ୍ଚିତ କରିଛି ଯେ ଏହି ହାଫଟାଇମ୍ କେବଳ ଏକ ବିରତି ନୁହେଁ – ଏହା ଏକ ମୁହୂର୍ତ୍ତ ଯାହାକି କ୍ରିକେଟ ପ୍ରେମୀମାନଙ୍କୁ ଏକ ବିଶ୍ୱସ୍ତରୀୟ ବନ୍ଧନରେ ସେମାନଙ୍କର ଆସନକୁ ତଥା ପରଦାକୁ ବାନ୍ଧି ଧରି ରଖିବାର ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛି । "ହୋଲି ଆୟି ରେ" ବିଶାଲ ମିଶ୍ରଙ୍କ କୋକ୍ ଷ୍ଟୁଡ଼ିଓ କାର୍ଯ୍ୟକ୍ରମରେ କୋକା-କୋଲା ହାଫଟାଇମ୍ ଚମ୍ପିୟନସିପ୍ ଟ୍ରଫି ଫାଇନାଲ ସମଗ୍ର ବିଶ୍ୱର କ୍ରିକେଟପ୍ରେମୀଙ୍କ ମଧ୍ୟରେ ସବୁଦିନ ପାଇଁ ଚିରସ୍ମରଣୀୟ ଘଟଣା ହୋଇ ରହିବ ।" ଅନୁରାଗ ଦାହିୟା, ଚିଫ୍ କମର୍ସିଆଲ ଅଫିସର, ଆଇସିସି କହିଛନ୍ତି, "କୋକା-କୋଲା, ଆଇସିସି ପୁରୁଷ ଚମ୍ପିୟନସିପ୍ ଟ୍ରଫି ୨୦୨୫ ଫାଇନାଲରେ କିଛି ସୃଜନଶୀଳତା ଏହାର ଫ୍ୟାନ ମାନଙ୍କ ମଧ୍ୟରେ ବିଶେଷ ଭାବରେ ଆଣିବା ପାଇଁ ଚାହୁଁଥିଲା, ଏବଂ ଏହି ମ୍ୟାଚ୍‌ର ଇନିଙ୍ଗସ ବିରତି ସମୟରେ ଆମେ ଠିକ୍ ସେହିଭଳି କିଛି ସୁଯୋଗକୁ କରି ଦେଖାଇବା ପାଇଁ ଚାହିଁ ରହିଥିଲୁ । କୋକ୍ ହାଫଟାଇମ୍ ଷ୍ଟାଡ଼ିୟମ ଭିତରେ କିଛି ଅନନ୍ୟ ଶକ୍ତିର ସଂଚାର ଡ଼ିଜାଇନ ପୂର୍ବକ ଆଣିବା ପାଇଁ ତଥା ଏହାକୁ ଅତି ଆକର୍ଷଣୀୟ ଢ଼ଙ୍ଗରେ ପ୍ରତିଫଳିତ କରିବା ପାଇଁ ଚାହୁଁଥିଲା, ଯାହାକି ବିଶାଲ ମିଶ୍ରଙ୍କର କୋକ୍ ଷ୍ଟୁଡ଼ିଓରୁ ଅତି ରୋମାଂଚକର "ହୋଲି ଆୟି ରେ" ଧ୍ୱନୀରେ ସମଗ୍ର ଷ୍ଟାଡ଼ିୟମକୁ ଉତ୍ସବରେ ପରିଣତ କରିଦେଇଥିଲା ।

# ହ୍ୱାଟ୍ସଆପ ସହ ମିଶି ସରକାର ଧରିବେ ଡିଜିଟାଲ ଚୋର

**ନୂଆଦିଲ୍ଲୀ,୧୮।୩(ଏଜେନ୍ସି):** ଟେଲିକମ ବିଭାଗ ଏବଂ ହ୍ୱାଟ୍ସଆପ ଅନଲାଇନ ଠକେଇ ଏବଂ ସ୍କାମ୍ ବିରୋଧରେ ସୁରକ୍ଷା ଅଭିଯାନ ଚଳାଇବା ଲାଗି ହାତ ମିଶାଇଛି । ଏହି ପାର୍ଟନରସିପ ଅନୁଯାୟୀ, ଟେଲିକମ ବିଭାଗ ଏବଂ ହ୍ୱାଟ୍ସଆପ ସନ୍ଦିଗ୍ଧଙ୍କୁ ଚିହ୍ନିବା ଲାଗି ନାଗରିକଙ୍କୁ ଶିକ୍ଷିତ କରିବା ପାଇଁ ମିଶିକି କାମ କରିବେ । ଅଫିସିଆଲ ବିବୃତ୍ତି ମୁତାବକ, ଟେଲିକମ ବିଭାଗ ଅନଲାଇନ ଠକେଇ ଏବଂ ସ୍କାମ ବିରୋଧରେ ମେଟାର ସୁରକ୍ଷା ଅଭିଯାନ 'ଘୋଟାଲେ ସେ ବଚଓ'ର ବିସ୍ତାର କରିବା ଲାଗି ହ୍ୱାଟ୍ସଆପ ସହ ସହ ସାମିଲ ହୋଇଛି । ହ୍ୱାଟ୍ସଆପର ପ୍ୟାରେଣ୍ଟ କମ୍ପାନୀ ମେଟାର ବିଶ୍ୱ ମାମଲାର ମୁଖ୍ୟ ଅଧିକାରୀ ଜୋଏଲ କାପ୍ଲାନ ଏବଂ ଟେଲିକମ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିଂଘିଆଟେଲିକମ ବିଭାଗ ଏବଂ ମେଟା ମଧ୍ୟରେ ଚାଲୁଥିବା ସହଯୋଗର ପ୍ରଭାବ ଉପରେ ଚର୍ଚ୍ଚା କରିଛନ୍ତି । ବିବୃତ୍ତି ମୁତାବକ, ହ୍ୱାଟ୍ସଆପ ଟେଲିକମ ସଂଶୋଧନର ଅପବ୍ୟବହାର ଉପରେ ସକ୍ରିୟ କାର୍ଯ୍ୟାନୁଷ୍ଠାନ ପାଇଁ ଡିଆଇପିରୁ ମିଳିଥିବା ସୂଚନାର ବ୍ୟବହାର କରୁଛି । ଟେଲିକମ ବିଭାଗର ଡିଆଇପି ଟେଲିକମ ସଂଶୋଧନର ଅପବ୍ୟବହାର ବିଷୟରେ ବ୍ୟାଙ୍କଗୁଡ଼ିକୁ, ଆଇନ ପ୍ରବର୍ତ୍ତନ ଏଜେନ୍ସିମାନଙ୍କ ଭଳି ୫୫୦ ହିତଧାରକଙ୍କ ସହ ଦ୍ୱିପାକ୍ଷିକ ଡିଜିଟାଲ ସିକ୍ରେଟ୍ ଡାଟା ବିନିମୟ କରିଥାଏ ।

# ପାକିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

ୱେଲିଂଟନ,୧୮।୩: ପାକିସ୍ତାନ ବିପକ୍ଷରେ ନ୍ୟୁଜିଲ୍ୟାଣ୍ଡ ଆଉ ଗୋଟିଏ ଏକତରଫା ବିଜୟ ହାସଲ କରିଛି ୫ ବିଶିଷ୍ଟ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍‌କୁ ଆୟୋଜକ ନ୍ୟୁଜିଲ୍ୟାଣ୍ଡ ୫ ୱିକେଟରେ ଜିତି ନେଇଛି। ଏହି ବିଜୟ ସହ ଟି-୨୦ ସିରିଜରେ କି ଟିମ ୨-୦ରେ ଆଗୁଆ। ହୋଇଯାଇଛି ପ୍ରଥମ ମ୍ୟାଚ୍‌କୁ ଦଳ ୯ ୱିକେଟରେ ୧୦ ଓଭର ପୂର୍ବରୁ ଜିତିଥିଲା ପାକିସ୍ତାନ ପ୍ରଥମ ମ୍ୟାଚ୍‌ରେ କେବଳ ୯୧ ରନ କରି ପାରିଥିଲା।

ଦ୍ୱିତୀୟ ଟି-୨୦ ବର୍ଷା ଯୋଗୁ ୧୫ ଓଭର ବିଶିଷ୍ଟ ହୋଇଥିଲା ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ୯ ୱିକେଟ ହରାଇ ଚ୍ୟାଲେଞ୍ଜିଂ ୧୩୫ ରନ କରିଥିଲା। କିନ୍ତୁ ନ୍ୟୁଜିଲ୍ୟାଣ୍ଡର ବିସ୍ଫୋରକ ବ୍ୟାଟିଂ ଆଗରେ ଏହି ସ୍କୋର ଫିକା ପଡ଼ି ଯାଇଥିଲା। ନ୍ୟୁଜିଲ୍ୟାଣ୍ଡ ୧୩.୧ ଓଭରରେ ବିଜୟ ଲକ୍ଷ୍ୟକୁ ହାସଲ କରି ନେଇଛି।ପ୍ରଥମ ଟି-୨୦ ଭଳି ଦ୍ୱିତୀୟ ମ୍ୟାଚରେ ମଧ୍ୟ ପାକିସ୍ତାନୀ ବୋଲର ନ୍ୟୁଜିଲ୍ୟାଣ୍ଡ ବ୍ୟାଟରଙ୍କ ଆଗରେ ଫିକା ପଡ଼ି ଯାଇଛନ୍ତି।



ଦଳର ଷ୍ଟାର ବୋଲର ଶାହୀନ ଶାହ ଆଫ୍ରିଦିଙ୍କୁ କି ଟିମର ଓପନର ଟିମ ଶୈଫର୍ଟ ୪ ବଲରେ ୪ ଛକା ମାରି ନିଜର ବିସ୍ଫୋରକ ରୂପ ଦେଖାଇଛନ୍ତି ୨୨ ବଲରେ ୪୫ ରନର ଇନିଂସ ଖେଳିଥିବା ଶୈଫର୍ଟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ଶାହୀନ ୩ ଓଭରରେ ମୋଟ ୩୧ ରନ ଦେଇଛନ୍ତି। କିନ୍ତୁ ଏହା ମଧ୍ୟରୁ ୨୬ ରନ ଗୋଟିଏ ଓଭରରୁ ଆସିଛି।ଏହି ଓଭରରେ ନ୍ୟୁଜିଲ୍ୟାଣ୍ଡର କିପର ବ୍ୟାଟର ଶୈଫର୍ଟ ତାଙ୍କୁ ୪ ବଲରେ ୪ ଛକା ମାରିଥିଲେ।

ପ୍ରଥମ ଓଭରରେ କୌଣସି ରନ ଦେଇ ନଥିବା ଆଫ୍ରିଦି ନିଜର ଦ୍ୱିତୀୟ ଓଭରର ପ୍ରଥମ ଦୁଇ ବଲରେ ୨ଟି ଛକା ଖାଇଥିଲେ। ପରବର୍ତ୍ତୀ ବଲ ଡଟ ହୋଇଥିଲା ୪ର୍ଥ ବଲରେ ୨ ରନ ନେଇ ଶୈଫର୍ଟ ଷ୍ଟ୍ରାଇକ ନିଜ ପାଖରେ ରହିଥିଲା ଏହାପରେ ଶେଷ ଦୁଇ ବଲରେ ୨ଟି ଛକା ମାରିଥିଲେ ସେ ଗୋଟିଏ ଛକା ୧୧୯ ମିଟର ଦୂରତାକୁ ମଧ୍ୟ ମାରିଛନ୍ତି ।

୩୦ ବର୍ଷୀୟ ଶୈଫର୍ଟଙ୍କ ଅନ୍ତର୍ଜାତୀୟ କ୍ୟାରିୟର ୨୦୧୮ରୁ ଆରମ୍ଭ ହୋଇଛି। ଆରମ୍ଭରୁ ସେ ବିସ୍ଫୋରକ ବ୍ୟାଟର ଭାବେ ପରିଚିତ ପ୍ରଥମ ଟି-୨୦ରେ ମଧ୍ୟ ସେ ପାକିସ୍ତାନ ବୋଲରଙ୍କ ଧୂଳେଇ କରିଥିଲେ ।ପ୍ରଥମ ଟି-୨୦ରେ ନ୍ୟୁଜିଲ୍ୟାଣ୍ଡକୁ ୯୨ ରନର ଟାର୍ଗେଟ ମିଳିଥିଲା ।ଏହା ମଧ୍ୟରୁ ଶୈଫର୍ଟ ଏକାକୀ ୪୪ ରନର ଇନିଂସ ଖେଳିଥିଲେ ୨୯ ବଲରେ ସାମ୍ନା କରିଥିବା ଶୈଫର୍ଟ ୭ଟି ଚୌକା ଓ ୧ ଛକା ମାରିଥିଲେ।

ଆଜି ୨୨ ବଲରେ ୪୫ ରନର ଇନିଂସ ଖେଳିଥିବା ଶୈଫର୍ଟ ୫ଟି ଛକା ଓ ୩ଟି ଚୌକା ମାରିଛନ୍ତି ତାଙ୍କ ବ୍ୟାଟିଂ ଆଗରେ କୌଣସି ପାକିସ୍ତାନୀ ବୋଲର କୌଣସି ପ୍ରଭାବ ଦେଖାଇ ପାରି ନଥିଲେ। ତାଙ୍କ ବ୍ୟତୀତ ଦ୍ୱିତୀୟ ଟି-୨୦ରେ ଫିନ ଆଲେନ ୧୬ ବଲରେ ୩୮ ରନ କରିଛନ୍ତି। ମାର୍କ ଚାପମାନ ୧, ଡାରେଲ ମିଚେଲ ୧୪ ଓ ଜିମ୍ମି ନୀଶମ ୫ ରନ କରିପାରିଛନ୍ତି। ମିଚେଲ ହେ ୨୧ ରନ ଓ ଅଧିନାୟକ ମାଇକେଲ ବ୍ରେସଲେ ୨ ବଲରେ ୫ ରନ କରି ଶେଷ ଯାଏ କ୍ରିଜରେ ରହିବା ସହ ଦଳକୁ ୫ୱିକେଟରେ ବିଜୟ ଭେଟି ଦେଇଥିଲେ।

ପାକିସ୍ତାନ ପ୍ରଦର୍ଶନକୁ ବିଚାରକୁ ନେଲେ ପ୍ରଥମ ମ୍ୟାଚ୍ ତୁଳନାରେ ଆଜି ଖେଳାଳିମାନେ ସାମାନ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଅଧିନାୟକ ସଲମାନ ଆଘା ମଧ୍ୟ ସମାନ କଥା ମ୍ୟାଚ୍ ପରେ ସ୍ୱୀକାର କରିଛନ୍ତି। ଆଘା ଏକାକୀ ୪୬ ରନର ଇନିଂସ ଖେଳିଥିବା ବେଳେ ଶଦାବ ଖାନ ୨୬ ଓ ଶାହୀନ ଶେଷ ଭାଗରେ ୧୪ ବଲରେ ଅପରାଜିତ ୨୨ ରନର ଇନିଂସ ଖେଳିଥିଲେ।

## କୋହଲିଙ୍କ କଥା ମାନିବ ବିସିସିଆଇ

ନୂଆଦିଲ୍ଲୀ,୧୮।୩(ଏଜେନ୍ସି): ଯଦିଓ ବିସିସିଆଇ ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ, ଏହାକୁ ମଧ୍ୟ ତାର ଖେଳାଳିଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇବାକୁ ପଡୁଛି। ୨୦୨୫ ପୂର୍ବରୁ ସମାନ କିଛି ଘଟଣା ଘଟିଛି ବିରାଟ, ପ୍ରଥମେ ବିସିସିଆଇ ପରିବାର ନିୟମ ବିରୋଧରେ ସ୍ୱର ଉଠାଇଥିଲେ। ଏହା ପରେ, ଦିଲ୍ଲୀ କ୍ୟାପିଟାଲ୍ସ ବୋଲର ମୋହିତ ଶର୍ମା ଏବଂ କିମ୍ବଦନ୍ତୀ ଖେଳାଳି କପିଲ ଦେବ ଏହି ନିୟମ ବିରୋଧରେ ପ୍ରତିବାଦ କରିଛନ୍ତି। ଏବେ ଏକ ଅପଡେଟ ଆସିଛି ଯେ ବୋର୍ଡ ଏହି ନିୟମର ପୁନର୍ବିଚାର କରିପାରେ।

ବିସିସିଆଇର ପରିବାର ନିୟମ ଅନୁଯାୟୀ ଯଦି ଟିମ ଇଣ୍ଡିଆ। ୪୫ ଦିନ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଗସ୍ତରେ ଯାଏ, ତେବେ ଜଣେ ଖେଳାଳିଙ୍କୁ ତାଙ୍କ ପରିବାର ସହିତ ସର୍ବାଧିକ ୧୪ ଦିନ ରହିବାକୁ ଅନୁମତି ଦିଆଯିବ ଯଦି ଗସ୍ତ କମ ସମୟ ପାଇଁ ରହେ, ତେବେ ଖେଳାଳିମାନେ ସର୍ବାଧିକ ଗୋଟିଏ ସପ୍ତାହ ପାଇଁ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ରହିପାରିବେ।

ବିସିସିଆଇର ଏକ ସୂତ୍ର ଇଣ୍ଡିଆ ଟୁଡେକୁ କହିଛି ଯେ ଯଦି ଖେଳାଳିମାନେ ଗସ୍ତ ସମୟରେ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ଅଧିକ ସମୟ ପାଇଁ ନିଜ ସହିତ ରଖିବାକୁ ଚାହାଁନ୍ତି, ତେବେ ସେମାନେ ଏଥିପାଇଁ ଅନୁମତି ନେଇପାରିବେ ପରିସ୍ଥିତିକୁ ଦେଖି ବୋର୍ଡ ନିଷ୍ପତ୍ତି ନେବ କହିରଖୁଛୁ ଯେ ବିରାଟ କୋହଲି ସ୍ପଷ୍ଟ ଭାବରେ କହିଥିଲେ ଯେ ଯଦି ଜଣେ ଖେଳାଳି ଖରାପ ସମୟ ଦେଇ ଗତି କରୁଛନ୍ତି, ତେବେ ପରିବାରର ସମର୍ଥନ ତାଙ୍କୁ ଭଲ ଅନୁଭବ କରିବାରେ ସାହାଯ୍ୟ କରେ।

ସମାନ ନିୟମ ୨୦୨୫ ପାଇଁ ପ୍ରଯୁଜ୍ୟ କାରଣ ଖେଳାଳିଙ୍କ ପରିବାର ସଦସ୍ୟମାନେ ଆଉ ଡ୍ରେସିଂ ରୁମରେ ପ୍ରବେଶ କରିପାରିବେ ନାହିଁ। ଏହା ବ୍ୟତୀତ, ବିସିସିଆଇର କଡ଼ା ନିର୍ଦ୍ଦେଶ ଅଛି ଯେ କ୍ରିକେଟରମାନେ ବ୍ୟକ୍ତିଗତ ଗାଡ଼ିରେ ନୁହେଁ ବରଂ ଟିମ ବସରେ ଯାତ୍ରା କରିବେ ଏହା ବ୍ୟତୀତ, ଆଗାମୀ ସିଜିନ ପାଇଁ କିଛି କଠୋର ନିୟମ କରାଯାଇପାରେ।

# ୧୩ ଖେଳାଳିଙ୍କୁ ବାହାର କରିଦେବ ପଞ୍ଜାବ କିଙ୍ଗ୍ସ

ନୂଆଦିଲ୍ଲୀ,୧୮।୩: ଆଇପିଏଲ୍ ୨୦୨୫ ପାଇଁ ପଞ୍ଜାବ କିଙ୍ଗ୍ସ ଗୋଟିଏ ବି ଖେଳାଳିଙ୍କୁ ରିଟେନ କରି ନ ଥିଲା ଦଳ। ମେଗା ନିଲାମରେ ସମସ୍ତ ଖେଳାଳିଙ୍କୁ କିଣିଛନ୍ତି ପଞ୍ଜାବ ଫ୍ରାଞ୍ଚାଇଜ ମୋଟ ୨୫ ଜଣ ଖେଳାଳିଙ୍କୁ କିଣିଛି। କିନ୍ତୁ ଏବେ ସେମାନଙ୍କ ମଧ୍ୟରୁ ୧୩ ଜଣ ବାହାରିବେ। କାରଣ ୨୫ ଖେଳାଳିଙ୍କ ମଧ୍ୟରୁ କେବଳ ୧୨ ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ଏବେ ପ୍ରଶ୍ନ ହେଉଛି ସେହି ୧୩ ଜଣ ଖେଳାଳି କିଏ ହେବେ। ଯେଉଁମାନଙ୍କୁ ମ୍ୟାଚ ପାଇଁ ସ୍ଥାନ ଦିଆଯାଇପାରିବ ନାହିଁ କିମ୍ବା ଯେଉଁମାନଙ୍କୁ ବାହାରେ ବସି ନିଜ ସୁଯୋଗ ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ।

ନିଲାମରେ ଶ୍ରେୟସ ଆୟରଙ୍କ ରୂପରେ ପଞ୍ଜାବ କିଙ୍ଗସ ସବୁଠାରୁ ମହଙ୍ଗା ଖେଳାଳିଙ୍କୁ କିଣିଛି। ତାଙ୍କୁ କିଣିବା ପାଇଁ ପଞ୍ଜାବ ୨୬.୭୫ କୋଟି ଟଙ୍କା ଖର୍ଚ୍ଚ କରିଛି। ଆୟରଙ୍କ ଉପରେ ଏତେ ଟଙ୍କା ଖର୍ଚ୍ଚ କରିବାର କାରଣ ଥିଲା। ତାଙ୍କୁ ଅଧିନାୟକ କରିବା ପଞ୍ଜାବ କିଙ୍ଗ୍ସ ମଧ୍ୟ ସମାନ କରିଛି। ଆଇପିଏଲ ୨୦୨୫ରେ, ପଞ୍ଜାବ ଦଳର କମାଣ୍ଡ ଶ୍ରେୟସଙ୍କ ହାତରେ ରହିବ ଏହାର ଅର୍ଥ ହେଉଛି ସେ ନିଶ୍ଚିତ ଭାବରେ ପ୍ରାରମ୍ଭିକ ଏକାଦଶର ଅଂଶ ହେବେ।

ଯଦି ଆମେ ପଞ୍ଜାବ କିଙ୍ଗସର ପ୍ରାରମ୍ଭିକ ଏକାଦଶରେ ସାମିଲ ଥିବା ଅନ୍ୟ ଖେଳାଳିମାନଙ୍କୁ ଦେଖିବା, ତେବେ ଜୋଶ ଇଙ୍ଗଲିସ ଏବଂ ପ୍ରଭସିମରନ ସିଂହଙ୍କୁ ଓପନିଂ ଭୂମିକାରେ ଦେଖିବାକୁ ମିଳିବ। ଅଧିନାୟକ ଶ୍ରେୟସ ଆୟର ପ୍ରଥମ ସ୍ଥାନରେ ରହିବେ। ମଧ୍ୟକ୍ରମରେ ଗ୍ଲେନ ମ୍ୟାକ୍ସଲେ, ମାର୍କସ ଷ୍ଟୋଇନିସ ଏବଂ ଶଶାଙ୍କ ସିଂହଙ୍କ ବିସ୍ଫୋରକ ବ୍ୟାଟିଂ ଏହାକୁ ଶକ୍ତି ଦେବ ଏହା ପରେ ନିହାଲ ଭାଡେରା ରହିବେ ବୋଲିଂ ଦାୟିତ୍ୱ ମାର୍କୋ ଜାନସେନ, ଯୁଜଭେନ୍ଦ୍ର ଚହଲ, ଅର୍ଶଦୀପ ସିଂହ ଏବଂ ହରପ୍ରୀତ ବ୍ରାରଙ୍କ କାନ୍ଧରେ ରହିବ।

ପଞ୍ଜାବ କିଙ୍ଗ୍ସର ସମ୍ଭାବ୍ୟ ପ୍ରାରମ୍ଭିକ ଏକାଦଶ: ଜୋଶ ଇଙ୍ଗଲିସ, ପ୍ରଭସିମରନ ସିଂହ, ଶ୍ରେୟସ ଆୟର, ଗ୍ଲେନ ମ୍ୟାକ୍ସଲେ, ମାର୍କସ ଷ୍ଟୋଇନିସ, ଶଶାଙ୍କ ସିଂହ, ନିହାଲ ୱଧେରା, ମାର୍କୋ ଜାନସେନ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂହ, ହରପ୍ରୀତ ବ୍ରାର

ଇମ୍ପାକ୍ଟ ପ୍ଲେୟାର: ଯଶ ଠାକୁର

ଏହି ୧୨ ଜଣ ଖେଳାଳିଙ୍କ ବ୍ୟତୀତ, ବାକି ୧୩ ଜଣ ଖେଳାଳିଙ୍କୁ ପ୍ରଥମ ମ୍ୟାଚ୍‌ରୁ ପ୍ରାରମ୍ଭିକ ଏକାଦଶରୁ ବାହାର କରିବାକୁ ପଡ଼ିପାରେ ୨୦୨୫ରେ ପଞ୍ଜାବ କିଙ୍ଗସକୁ ୨୫ ମାର୍ଚ୍ଚରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବାକୁ ପଡିବ ସେହି ମ୍ୟାଚ୍‌ରୁ ବାହାରେ ଥିବା ୧୩ ଜଣ ଖେଳାଳିଙ୍କ ମଧ୍ୟରେ ପ୍ରଶାନ୍ତ ଆର୍ଯ୍ୟ, ଆଜମତୁଲ୍ଲା ଓମାରଜାଇ, ଲକି ଫର୍ଗୁସନ, ବିଜୟକୁମାର ବ୍ୟାସ, ଆରୋନ ହାର୍ଡି, କୁଲଦୀପ ସେନ, ବିଷ୍ଣୁ ବିନୋଦ, ମୁଶିର ଖାନ, ଜାଭିୟର ବାର୍ଟଲେଟ, ସୂର୍ଯ୍ୟାଂଶ ଶେଡଗେ, ପ୍ରବୀଣ ଦୁବେ, ହରନୂର ସିଂହ ଏବଂ ପାୟାଲା ଅଭିନାଶ ସାମିଲ ଅଛନ୍ତି।

# ଆଇପିଏଲ୍‌ରେ ଅମ୍ପାୟାରଙ୍କ ଲକ୍ଷ ଲକ୍ଷ ରୋଜଗାର

ନୂଆଦିଲ୍ଲୀ,୧୮।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନ ବହୁତ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ସିଜିନରେ, ୬ ଜଣ ଖେଳାଳି ଏପରି ହେବେ ଯେଉଁମାନେ ୨୦ କୋଟି ଟଙ୍କା କିମ୍ବା ତାଠାରୁ ଅଧିକ ଦରମା ପାଇବେ। ଲକ୍ଷ୍ନୌ ସୁପରଜାଏଣ୍ଟସ ଏଥର ରିଷଭ ପନ୍ତଙ୍କୁ ୨୭ କୋଟି ଟଙ୍କାରେ କିଣି ସମସ୍ତ ରେକର୍ଡ ଭାଙ୍ଗିଛି, ଯାହା ତାଙ୍କୁ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ଭାବେ ବିବେଚନା କରାଯାଉଛି କିନ୍ତୁ ମ୍ୟାଚ ସମୟରେ ଅମ୍ପାୟାରମାନେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, ସେମାନେ ଅମ୍ପାୟାରିଂ ପାଇଁ କେତେ ଟଙ୍କା ପାଆନ୍ତି ?

ଆଇପିଏଲରେ ସମସ୍ତ ଅମ୍ପାୟାରଙ୍କ ଦରମା ସମାନ ନୁହେଁ ସେମାନଙ୍କର ଦରମା ଅମ୍ପାୟାରଙ୍କ ଅଭିଜ୍ଞତା, ଏହା କି ପ୍ରକାରର ମ୍ୟାଚ (ନକଆଉଟ କିମ୍ବା ଲିଗ ପର୍ଯ୍ୟାୟ) ଉପରେ ନିର୍ଭର କରେ, ନୂତନ ଏବଂ ପୁରୁଣା ଅମ୍ପାୟାରଙ୍କ ଦରମାରେ ମଧ୍ୟ ଏକ ବିରାଟ ପାର୍ଥକ୍ୟ ଅଛି ଅନିଲ ଚୌଧୁରୀ ଆଇପିଏଲର ସବୁଠାରୁ ପ୍ରସିଦ୍ଧ ଅମ୍ପାୟାରମାନଙ୍କ ମଧ୍ୟରୁ ଜଣେ, ତାଙ୍କର ୧୦୦ରୁ ଅଧିକ ମ୍ୟାଚରେ ଅମ୍ପାୟାରିଂ। କରିବାର ଅଭିଜ୍ଞତା ଅଛି କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତାଙ୍କୁ ପ୍ରତ୍ୟେକ ମ୍ୟାଚ ପାଇଁ ୧,୯୮,୦୦୦ ଟଙ୍କା ଦରମା ମିଳିଥାଏ। ନୀତୀନ ମେନନ, ବ୍ରୁସ ଅକ୍ସେନଫୋର୍ଡଙ୍କ ସମେତ ଅନେକ ପ୍ରସିଦ୍ଧ ଅମ୍ପାୟାର ପ୍ରତ୍ୟେକ ମ୍ୟାଚ ପାଇଁ ୧.୯୮ ଲକ୍ଷ ଟଙ୍କା ପାଆନ୍ତି । କମ୍ ଅଭିଜ୍ଞ ଅମ୍ପାୟାରମାନେ ପ୍ରତ୍ୟେକ ମ୍ୟାଚ ପାଇଁ ୫୯,୦୦୦ ଟଙ୍କା ପାଆନ୍ତି, ଭାରତୀୟ ଅମ୍ପାୟାର ବୀରେନ୍ଦ୍ର ଶର୍ମା ମଧ୍ୟ ଏହି ତାଲିକାରେ ଅଛନ୍ତି କୁହାଯାଏ ଯେ ଜଣେ ଅମ୍ପାୟାର ଇଣ୍ଡିଆନ ପ୍ରିମିୟର ଲିଗରେ ଗୋଟିଏ ସିଜିନ ପାଇଁ ଅମ୍ପାୟାରିଂ ପାଇଁ ୭,୩୩,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ଆପଣଙ୍କୁ କହି ରଖୁଛୁ ଯେ ପ୍ରସିଦ୍ଧ ଅମ୍ପାୟାରମାନେ ମଧ୍ୟ ପ୍ରଯୋଜକ ଚୁକ୍ତିରୁ ବହୁତ ରୋଜଗାର କରନ୍ତି ଯେତେବେଳେ ପ୍ଲେଅଫ ମ୍ୟାଚ ସମୟରେ, ଅମ୍ପାୟାରମାନେ କେବଳ ବୋନସ ପାଆନ୍ତି।

## ଟୀକାକରଣ

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

୫ ବର୍ଷରେ ୭ ଥର

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




### ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫଆଇପିଭି-୧, ଆର୍‌ଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫଆଇପିଭି-୨, ଆର୍‌ଭିଭି-୩, ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧, ଭିଟାମିନ୍-ଏ***, ପିସିଭି ବୁଷ୍ଟର, ଜେଇ-୧**ଏଫଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨, ଭିଟାମିନ୍-ଏ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧, ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-ଏ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପଡେଟ୍ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ଟୀକାକରଣ
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0133/2425 DSPL-427

## ନୂଆ ସିଜିନ୍ ନେଇ ପାଣ୍ଡ୍ୟା ଉତ୍ସାହିତ

ମୁମ୍ବାଇ,୧୮।୩: ଗତ ସିଜିନ ବିଷୟରେ ଜଣାଇ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି ଯେ, ମୋ ପାଇଁ, ଏହା ସର୍ବଦା ଯୁଦ୍ଧକ୍ଷେତ୍ର ଛାଡି ନ ଯିବା ବିଷୟରେ ରହିଆସିଛି ମୋ କ୍ୟାରିୟରରେ ଏପରି କିଛି ପର୍ଯ୍ୟାୟ ଆସିଥିଲା ଯେଉଁଠାରେ ମୋର ଧ୍ୟାନ ଜିତିବା ଉପରେ ନୁହେଁ ବରଂ ପଡ଼ିଆରେ ତିଷ୍ଠି ରହିବା ଉପରେ ରହିଥିଲା ମୁଁ ଅନୁଭବ କରିଥିଲି ଯେ, ମୋ ଚାରିପାଖରେ ଯାହା ଘଟୁ ନା କାହିଁକି, କ୍ରିକେଟ୍ ସବୁବେଳେ ମୋର ସବୁଠାରୁ ବଡ଼ ସାଥୀ ହୋଇ ରହିବ ମୁଁ ଆଗକୁ ବଢ଼ି ଚାଲିଲି ଏବଂ ଶେଷରେ ମୋର ସମସ୍ତ କଠିନ ପରିଶ୍ରମକୁ ଫଳ ମିଳିଲା ୬ ମାସ ପରେ ଆମେ ବିଶ୍ୱକପ୍ ଜିତିଲୁ ଏବଂ ତା'ପରେ ମୋତେ ଯେଉଁ ପ୍ରକାରର ଭଲପାଇବା ଏବଂ ସମର୍ଥନ ମିଳିଲା, ଏହା ମୋ ପାଇଁ ଏକ ସମ୍ପୂର୍ଣ୍ଣ ୩୬୦-ଡିଗ୍ରୀ ପରିବର୍ତ୍ତନ ଥିଲା।

# ପାକିସ୍ତାନ କ୍ରିକେଟ ଆହୁରି ତଳକୁ ଯିବ: ଇଞ୍ଜାମାମ

ଇସଲାମାବାଦ,୧୮।୩: ପାକିସ୍ତାନ କ୍ରିକେଟର ସ୍ତର ନିମ୍ନଗାମୀ ହେଉଥିବା ବେଳେ ଏହାକୁ ନେଇ ପୂର୍ବତନ ଅଧିନାୟକ ଇଞ୍ଜାମାମ-ଉଲ-ହକ ଚିନ୍ତା ବ୍ୟକ୍ତ କରିଛନ୍ତି ତାଙ୍କ ମତରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନେତୃତ୍ୱରେ ବାରମ୍ବାର ପରିବର୍ତ୍ତନ ଓ ଖରାପ ନିଷ୍ପତ୍ତି ଯୋଗୁ ପାକିସ୍ତାନ କ୍ରିକେଟର ଅବସ୍ଥା ଏଭଳି ହୋଇଛି।



ଉଚିତ ଦିଗରେ କାର୍ଯ୍ୟ କରୁ ନାହୁଁ ଏବଂ ଅନେକ ବିଭାଗରେ ଆମେ ଭୁଲ ନିଷ୍ପତ୍ତି ନେଉଛୁ କୌଣସି ଉପଯୁକ୍ତ ଷ୍ଟ୍ରାଟେଜୀ ବିନା ଓ ଏହାକୁ ପ୍ରଭାବୀ ରୂପେ କାର୍ଯ୍ୟକାରୀ କରା ନ ଗଲେ, ଜାତୀୟ ଦଳର ପ୍ରଦର୍ଶନ ଆହୁରି ତଳକୁ ଯିବ ଦଳୀୟ ପ୍ରଶାସନ, କୋଚିଂ ଷ୍ଟାଫ ଓ ଖେଳାଳିଙ୍କ ଚୟନରେ ବାରମ୍ବାର ପରିବର୍ତ୍ତନ ଯୋଗୁ ଦ୍ୱନ୍ଦ୍ୱ ବୃଦ୍ଧି ପାଉଛି ।ମୋ ମତରେ କ୍ରିକେଟ ବୋର୍ଡକୁ ତାର ଅତୀତର ଭୁଲଠାରୁ ଶିକ୍ଷା ନେବା ଦରକାର ଗତ ଦୁଇ ବର୍ଷ ହେଲା ଯେଉଁ ତ୍ରୁଟି ହେଉଛି ତାହାକୁ ଦୋହରାଇବା ଉଚିତ ନୁହେଁ ଗତ ଦୁଇ ବର୍ଷ ହେଲା, ପାକିସ୍ତାନ ଦଳର ପ୍ରଦର୍ଶନ ତଳକୁ ଖସିଛି ଯଦି ଆମେ ଉଚିତ ଦିଗରେ କାର୍ଯ୍ୟ ନ କରିବା, ଆହୁରି ତଳକୁ ଖସିଯିବା।

ଅତ୍ୟଧିକ ପରିବର୍ତ୍ତନ କରିବା ବଦଳରେ ଆମକୁ ଏକାଠି ବସି କେଉଁଠାରେ ଭୁଲ୍ ହେଉଛି, ତାହା ଉପରେ ଚର୍ଚ୍ଚା କରିବା ଦରକାର ଯଦି ଲଗାତର ପରିବର୍ତ୍ତନ ହେବା ଜାରି ରହିବ, ତେବେ ଖେଳାଳିଙ୍କୁ ଆବଶ୍ୟକ ଥିବା ଆତ୍ମବିଶ୍ୱାସ ମିଳିପାରିବ ନାହିଁ ଏବଂ ପରିସ୍ଥିତିରେ କୌଣସି ସୁଧାର ଆସିବ ନାହିଁ ବୋଲି ଇଞ୍ଜାମାମ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ଧୋନୀଙ୍କ ଆନିମଲ୍ ଲୁକ୍

ନୂଆଦିଲ୍ଲୀ,୧୮।୩: ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ ଆରମ୍ଭ ହେବାକୁ ଆଉ ମାତ୍ର କିଛି ଦିନ ବାକି ଅଛି। ଲିଗର ୧୮ତମ ସିଜିନ ୨୨ ମାର୍ଚ୍ଚରୁ ଆରମ୍ଭ ହେଉଛି। ପ୍ରଶଂସକମାନେ ସେମାନଙ୍କର ପ୍ରିୟ କ୍ରିକେଟରଙ୍କୁ ପୁଣି ଥରେ ଦେଖିବା ପାଇଁ ବ୍ୟାକୁଳ। ସମସ୍ତ ଫ୍ରାଞ୍ଚାଇଜ ଆଇପିଏଲ ୨୦୨୫ ପାଇଁ ପ୍ରସ୍ତୁତି କରୁଛନ୍ତି। ଏହି ସମୟରେ, ୨୦୨୫ର ସବୁଠାରୁ ସଫଳ ଅଧିନାୟକମାନଙ୍କ ମଧ୍ୟରୁ ଜଣେ ମହେନ୍ଦ୍ର ସିଂହ ଧୋନିଙ୍କ ଏକ ଭିଡିଓ ଇଣ୍ଟରନେଟରେ ଧମାକା ସୃଷ୍ଟି କରୁଛି ।ଏହି ଭିଡିଓରେ ଧୋନି ଆନିମଲ ଲୁକରେ ନଜର ଆସିଛନ୍ତ। ଧୋନିଙ୍କ ଲୁକ ସୋସିଆଲ ମିଡିଆରେ ସମସ୍ତଙ୍କ ମନ ଜିଣି ନେଉଛି।





ପ୍ରକୃତରେ, ନିକଟରେ ମହେନ୍ଦ୍ର ସିଂହ ଧୋନିଙ୍କୁ ଏକ ବିଜ୍ଞାପନରେ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଏହି ବିଜ୍ଞାପନରେ କ୍ୟାପ୍ଟେନ କୁଲ ଏମଏସ ଧୋନି ଆନିମଲ ଅବତାରରେ ନଜର ଆସିଛନ୍ତି ବଲିଉଡ ଅଭିନେତା ରଣବୀର କପୁରଙ୍କୁ ଆନିମଲ ଫିଲ୍ମରେ। ଏହିପରି ଦେଖିବାକୁ ମିଳିଥିଲା। ୨୦୨୫ ଆରମ୍ଭ ହେବା ପୂର୍ବରୁ, ଧୋନିଙ୍କ ଏହି ଲୁକ ତାଙ୍କ ପ୍ରଶଂସକମାନଙ୍କୁ ବହୁତ ପସନ୍ଦ ଆସିଛି ।ବିଜ୍ଞାପନରେ ଧୋନିଙ୍କୁ ବହୁତ ଲମ୍ବା କେଶରେ ଦେଖିବାକୁ ମିଳୁଛି। ଧୋନି ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ଦିନରେ ଏହି ଲୁକରେ ଦେଖାଯାଇଥିଲେ।

ଆଜିକାଲି ଏମ ଏସ ଧୋନି ଆଇପିଏଲ ୨୦୨୫ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି ସେ ଲିଗରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳି ଆଇପିଏଲର ପ୍ରଥମ ସିଜିନରୁ ଲିଗର ଅଂଶ ଥିବା ଧୋନି ଏପର୍ଯ୍ୟନ୍ତ ୨୬୪ଟି ମ୍ୟାଚ ଖେଳି ସାରିଛନ୍ତି ଏହି ସମୟରେ ମାହି ୩୯.୧୨ ହାରରେ ୫୨୪୩ ରନ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ବ୍ୟତୀତ ଧୋନି ରାଇଜିଂ ପୁଣେ ସୁପରଜିଆଣ୍ଟର ମଧ୍ୟ ଅଂଶ ରହିସାରିଛନ୍ତି ସେ ଲିଗରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ଷଷ୍ଠ ସ୍ଥାନରେ ଅଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ